## ସଂକ୍ଷେପରେ

### ଯୋରରେ ବୁଡ଼ି ଯୁବକ ମୃତ

**ମହାକାଳପଡ଼ା, ୩୧୬ (ଡି.ଏନ୍.ଏ.):** ମହାନଦୀ ସଂଲଗ୍ନ ଗୋଧି ଯୋର ନିକଟରେ ଗାଧୋଉଥିବା ବେଳେ ସୋମବାର ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ମହାକାଳପଡ଼ା ବ୍ଲକ ବରକନ୍ଧା ପଞ୍ଚାୟତ ତେନ୍ତୁଲିକନ୍ଧା (ଜାଗେଶ୍ୱରୀ) ଗ୍ରାମର ବାବୁଲି ରାଉତଙ୍କ ପୁଅ ବିଶ୍ୱରଞ୍ଜନ(୨୦)।

ପୂର୍ବାହ୍ନରେ ବିଶ୍ୱରଞ୍ଜନ ସାଙ୍ଗମାନଙ୍କ ସହିତ ଉକ୍ତ ଯୋରକୁ ଗାଧୋଇବାକୁ ଯାଇଥିଲେ। ସମସ୍ତେ ପହଁରୁ ଥିବା ବେଳେ ବିଶ୍ୱରଞ୍ଜନ ଜାଣି ନପାରି କୂଳଠାରୁ ଦୂରକୁ ଚାଲିଯାଇଥିଲେ। ସେ ଆଉ ନ ଫେରିବାରୁ ସାଙ୍ଗମାନେ କିଛି ସମୟ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ଖବରପାଇ ସ୍ଥାନୀୟ କେତେଜଣ ବ୍ୟକ୍ତି ସେଠାରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ଦୁଇ ଘଣ୍ଟା ପରେ ବିଶ୍ୱରଞ୍ଜନଙ୍କୁ ଉଦ୍ଧାର କରାଯାଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ସାବିତ୍ରୀ ପାଇଁ ଦେବାଳୟ ଲୋକାରଣ୍ୟ



**ଡେରାବିଶ, ୩୧୬ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ବିଭିନ୍ନ ଦେବାଳୟରେ ସାବିତ୍ରୀ ବ୍ରତ ପାଳନ ଉପଲକ୍ଷେ ସୋମବାର ପ୍ରବଳ ଭିଡ଼ ଜମିଥିଲା। ବ୍ଲକ ଅଧୀନ ଚାଟରାସ୍ଥିତ ଚାଟେଶ୍ୱରଙ୍କ ଶିବମନ୍ଦିର ବେଢ଼ାରେ ଥିବା ସାବିତ୍ରୀ ମନ୍ଦିରରେ ଗୁରୁବାର ପ୍ରାତଃରୁ ମହିଳାଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ଦଧିବାମନଜୀଉ ମନ୍ଦିର, ହରିଶଙ୍କରଙ୍କ, ଶ୍ରୀ ଲଚ୍ଛମନଜୀଉ, ଆର୍ତ୍ତେଶ୍ୱର, ଉମାକାନ୍ତେଶ୍ୱର, ପଞ୍ଚୁପାଣ୍ଡବ, କ୍ଷୀରେଶ୍ୱର ପୀଠ, ଚାନ୍ଦୋଳସ୍ଥିତ ନୃସିଂହ ମନ୍ଦିରରେ ଶତାଧିକ ମହିଳାଙ୍କ ଭିଡ଼ ଜମିଥିଲା।

### ବିଦ୍ୟୁତ୍ ଆଘାତରେ ଇଲେକ୍ଟ୍ରି ମେକାନିକ୍ ମୃତ

**ରାଜନଗର, ୩୧୬(ଡିଏନଏ):** ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ଚମ୍ପାଦିଆ ଗାଁର ଗୁରୁବାରି ଦାସ (୪୬)ଙ୍କର ସୋମବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ଗୁରୁବାରି ଇଲେକ୍ଟ୍ରିକ ମେକାନିକ ଭାବେ କାମ କରନ୍ତି। ସେ ପଦିନି ଗାଁରେ ଜଣେ ବ୍ୟକ୍ତିଙ୍କ ଘରେ ବିଦ୍ୟୁତ୍ ଲାଇନ ସଜାଉଥିଲେ। ଏହି ସମୟରେ ବିଦ୍ୟୁତ୍ ଆଘାତ ପାଇ ତଳେ ପଡି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

■ ହରିଦାସପୁର-ପାରାଦୀପ ରେଳପଥ ନିର୍ମାଣ

# ୧୧ରେ ଏନ୍‌ଜିଟି ମାମଲାର ତଦନ୍ତ

**କେନ୍ଦ୍ରାପଡ଼ା ଅଫିସ୍, ୩୧୬**





ମାର୍ଶାଘାଇ ବ୍ଲକ ମଣିକୁଣ୍ଡାଠାରେ ବସୁଧା ଯୋଜନାରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପରେ ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ) ମାମଲାର ସମାଧାନ ଅଦ୍ୟାବଧି ହୋଇନାହିଁ। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଶଯ୍ୟାରୁ ବାଲି ଉଠାଯାଉ ନ ଥିବା ଜିଲା ପ୍ରଶାସନ ଟ୍ରିବ୍ୟୁନାଲ୍‌କୁ ସଫେଇ ଦେଇଛି। ଏହି ଅବସରରେ ଅନ୍ୟ ଏକ ଏନଜିଟି ମାମଲା ଜିଲା ପ୍ରଶାସନକୁ ଚିନ୍ତାରେ ପକାଇଛି।

ହରିଦାସପୁର-ପାରାଦୀପ ବ୍ରଡଗେଜ ନୂଆ ରେଳପଥ ନିର୍ମାଣରେ ଅବୈଧ ଭାବେ ଲଘୁ ଖଣିଜ ସମ୍ପଦ ବିନିଯୋଗ ହେଉଥିବା ନେଇ ଏନ୍‌ଜିଟିରେ ମାମଲା ହୋଇଥିଲା। ଆସନ୍ତା ୧୧ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ଏହାର ତଦନ୍ତ ହେବ ବୋଲି ସୂଚନା ମିଳିଛି। ଅଭିଯୋଗକାରୀ ସୂଚନା ଅଧିକାର କର୍ମୀ କେନ୍ଦୁଝରର ଶଶିଭୂଷଣ ପଟ୍ଟନାୟକ, ମାର୍ଶାଘାଇର ପ୍ରତାପ କୁମାର ମହାନ୍ତି, ମହାକାଳପଡ଼ାର ଆଶିଷ ଖଟୁଆ ଓ ଆଳୟ ସାମନ୍ତରାୟଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପାଣି ଗତ ଜାନୁଆରୀରେ ଟ୍ରିବ୍ୟୁନାଲରେ ମାମଲା ରୁଜୁ କରିଥିଲେ। ସେ ଦର୍ଶାଇଥିଲେ ଯେ, ନିର୍ମାଣାଧୀନ ହରିଦାସପୁର-ପାରାଦୀପ ୮୨ କିଲୋମିଟର ରେଳପଥ ମଧ୍ୟରୁ କେନ୍ଦ୍ରାପଡ଼ା ଜିଲାର ଡେରାବିଶ, କେନ୍ଦ୍ରାପଡା, ମାର୍ଶାଘାଇ ଓ ମହାକାଳପଡ଼ା ତହସିଲ ଅଞ୍ଚଳରେ ୪୨ କି.ମି. ରହିଛି। ଏହି ରେଳପଥ ନିର୍ମାଣ ପାଇଁ ପରିବେଶ ମଞ୍ଜୁରୀ ନ ଥାଇ ବେଆଇନ ଭାବେ ମାଟି, ବାଲି, ମୋରମ ଆଦି ଲଘୁ ଖଣିଜ ସମ୍ପଦ ବିନିଯୋଗ ହେଉଛି। ଏ ନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମିଳିଛି ଯେ, ଏହି ୪ ତହସିଲ ଅଞ୍ଚଳରେ ରେଳପଥ ନିର୍ମାଣ ପାଇଁ ନିଯୁକ୍ତ ହୋଇଥିବା ୪ ଠିକାସଂସ୍ଥାକୁ ଲଘୁ ଖଣିଜ ସମ୍ପଦ ଉତ୍ତୋଳନ ପାଇଁ ଅନୁମତି ପ୍ରଦାନ କରାଯାଇ ନାହିଁ। ତେବେ ଠିକାସଂସ୍ଥା ଉଡହିଲ ଇନଫ୍ରାଷ୍ଟ୍ରକ୍ଚର, ଏଆର୍‌ଏସ୍‌ଏସ୍, ଟିଟିଆଇପିଏଲ ଓ ଏସସିଏଲ୍ ଏହି ୪ ତହସିଲ ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ୫୦ ଲକ୍ଷ ଘନ ଫୁଟରୁ ଅଧିକ ଲଘୁ ଖଣିଜ ସମ୍ପଦ ଉତ୍ତୋଳନ କରିଛନ୍ତି, ଯାହା ପରିବେଶ ଆଇନ ୨୦୦୬କୁ ଉଲ୍ଲଂଘନ କରୁଛି। ଏଥିସହ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ହାନି ଘଟିଛି। ଟ୍ରିବ୍ୟୁନାଲରେ ୪ ଠିକା ସଂସ୍ଥା ସହିତ ରେଳ ବିକାଶ ନିଗମ ଲିମିଟେଡ, ରାଜ୍ୟ ପ୍ରଦୂଷଣ ବୋର୍ଡ କେନ୍ଦ୍ରାଞ୍ଚଳ ଆୟୁକ୍ତ, କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏ ସମ୍ପର୍କରେ ଗତ ଏପ୍ରିଲ ୨୨ ତାରିଖରେ ଟ୍ରିବ୍ୟୁନାଲର ଜଷ୍ଟିସ କେ. ରାମକ୍ରୀଷ୍ଣନ, ସଭ୍ୟ ଡ. ସତୱନ୍ତ ସିଂ ଶୁଣାଣି କରି ଜିଲା ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୧୧ ତାରିଖ ପୂର୍ବାହ୍ନ ୯ଟାରେ ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀଙ୍କ ସହ ଉକ୍ତ ୪ ତହସିଲର ତହସିଲଦାରମାନେ ଏହି ତଦନ୍ତରେ ସାମିଲ ହେବେ ବୋଲି ଜଣାପଡିଛି।

■ ଫନୀ ବିପର୍ଯ୍ୟୟ

## ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୪୪୫୦ ଘର ଭାଙ୍ଗିଛି

**ପଟ୍ଟାମୁଣ୍ଡାଇ,୩୧୬(ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ମେ ୩ ତାରିଖରେ ହୋଇଥିବା ସାମୁଦ୍ରିକ ଝଡ ଫନୀ ବାତ୍ୟାରେ ୪୪୫୦ ଘର ଭାଙ୍ଗିଛି ବୋଲି ତହସିଲ ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡିଛି । ବିଶେଷ କରି ପଟ୍ଟାମୁଣ୍ଡାଇ ବ୍ଲକର ୧୧ଟି ପଞ୍ଚାୟତ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଭାଙ୍ଗିଥିବା ଘର ମଧ୍ୟରୁ ୪୪୧୫ଟି ଘର ପାଇଁ ବିପନ୍ନଙ୍କୁ ସହାୟତା ମିଳିବ ବୋଲି ତହସିଲ ପକ୍ଷରୁ ଜଣାପଡିଛି ।

କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତ କଚ୍ଚା ଘରକୁ କୋଠା ଘରରେ ପରିଣତ କରିବା ପାଇଁ ଯୋଜନା କରିଛନ୍ତି । ଜଣେ ହେଲେ ଗରିବ ଲୋକ ପକ୍କା ଘର ପାଇବାରୁ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ଫନୀରେ ମତ୍ସ୍ୟ ଚାଷ, କୃଷି ଓ ଉଦ୍ୟାନ କୃଷି, ମତ୍ସ୍ୟଜୀବୀମାନଙ୍କ ଜାଲ ଡଙ୍ଗା, ନଡିଆ ଓ ବିଭିନ୍ନ ଫଳ ଗଛ ଭାଙ୍ଗି କ୍ଷୟକ୍ଷତି ହୋଇଛି । ସ୍କୁଲ ଗୃହ, ଅଙ୍ଗନୱାଡି ଗୃହ, ଏଏନଏମ୍ କେନ୍ଦ୍ର ଆଦି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ପଟ୍ଟାମୁଣ୍ଡାଇ ବ୍ଲକର ଡାମରପୁର, ପାଳପାଟଣା, ରାଉଳିଆଡିଆ, ସିଂହଗାଁ, କୃଷ୍ଣଦାଶପୁର, ତରଡିପାଳ, ପେଣ୍ଠପାଳ, ଦାଣ୍ଡିସାହି, ଅଳପୁଆ, ବାଛରା, ପନ୍ତୁରୀ ଆଦି ଅଞ୍ଚଳ ବିଶେଷ କ୍ଷତିଗ୍ରସ୍ତ ହୋଇଛି । ବାଲିପାଟଣା ,ପଟ୍ଟାମୁଣ୍ଡାଇ ପୌରାଞ୍ଚଳ, ବଡମୂଳବସନ୍ତ, ଶ୍ରୀରାମପୁର, ଗଙ୍ଗାରାମପୁର ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥିବା ପଟ୍ଟାମୁଣ୍ଡାଇର ଶରତ କୁମାର ଗିରି ସୂଚନା ଦେଇଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକ , ତହସିଲ ଓ ବିଭିନ୍ନ ବିଭାଗ ପକ୍ଷରୁ ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇ କେନ୍ଦ୍ରାପଡା ଜିଲାପାଳଙ୍କ ନିକଟକୁ ପଠାଇ ଦିଆଯାଇଛି । କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ଏହାର ଶେଷ ତଦନ୍ତ ଚଳାଇଥିବା ବେଳେ ଖୁବଶୀଘ୍ର ସବିଶେଷ ରିପୋର୍ଟ ମିଳିଯିବ ବୋଲି ତହସିଲଦାର ଶରତ କୁମାର ଗିରି କହିଛନ୍ତି।

## ଯୁକ୍ତ ୨ ବିଜ୍ଞାନରେ ଦୀପକ ମାର୍ଶାଘାଇ କଲେଜରେ ପ୍ରଥମ



**ମାର୍ଶାଘାଇ,୩୧୬ (ଡିଏନଏ)**

ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ମାର୍ଶାଘାଇ କଲେଜର ଛାତ୍ର ଦୀପକ ସାହୁ ୫୩୭ ନମ୍ବର ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । କଲେଜରେ ପରୀକ୍ଷା ଦେଇଥିବା ୧୨୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଦୀପକ ନିଜର ସଫଳତା ପାଇଁ ମାର୍ଶାଘାଇ କଲେଜର ଅଧକ୍ଷ ଡ.ଅମୀୟ କୁମାର ଜେନା,ସମସ୍ତ ଅଧ୍ୟାପିକା ଅଧ୍ୟାପକ ,କୋଚିଂ ନେଉଥିବା ସେଣ୍ଟରର ଅଧ୍ୟାପକ ଧୀରେନ କୁମାର ଚୌଧୁରୀଙ୍କୁ ଶ୍ରେୟ ଦେଇଛନ୍ତି। ମାତାପିତାଙ୍କ ଆଶୀର୍ବାଦ ଏବଂ ନିଷ୍ଠାପର ଉଦ୍ୟମ ଯୋଗୁ ସେ ସଫଳତା ପାଇଥିବା ବେଳେ ଭବିଷ୍ୟତରେ ଆଇଆଇଟିଆନ ହେବେ ବୋଲି କହିଛନ୍ତି। ଦୀପକ କଳପଡା ନିକଟ ଖସାଡି ଗ୍ରାମର କୈଳାଶ ଚନ୍ଦ୍ର ସାହୁଙ୍କ ପୁତ୍ର ।

## ଟ୍ରକ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ : ପ୍ରତିବାଦରେ ରାସ୍ତାରୋକୋ

**ମାର୍ଶାଘାଇ, ୩୧୬ (ଡିଏନଏ)**



ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ।

ସୋମବାର ଅପରାହ୍ନ ୪ଟାରେ ମାର୍ଶାଘାଇ ଥାନା ଅଧୀନ କଳାଗଡ ନିକଟରେ ଏକ ଆଇରନ ଗୁଣ୍ଡ ବୋଝେଇ ଟ୍ରକ ଧକ୍କାରେ ସେହି ଗ୍ରାମର ଶୁକୁଟି ବସନ୍ତିଆ(୬୩) ନାମକ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ବୃଦ୍ଧା ଜଣକ ୫ ନଂ (କ) ଜାତୀୟ ରାଜପଥ ପାର ହେଉଥିବା ବେଳେ ଲାଇନରେ ଛିଡା ହୋଇଥିବା ଆଇରନ ଗୁଣ୍ଡ ବୋଝେଇ ଟ୍ରକ୍‌ଟି ହଠାତ୍ ଚାଲିବା ଆରମ୍ଭ କରି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା । ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ କଳାଗଡ ଠାରେ ରାଜପଥ ଅବରୋଧ କରିଥିଲେ । ଫଳରେ ୨ ଘଣ୍ଟା ଧରି ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା । ରାସ୍ତା ଅବରୋଧକାରୀମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ଖବର ପାଇ ମାର୍ଶାଘାଇ ଥାନା ଅଧିକାରୀ କାଳନ୍ଦି ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ । ଜିଲା ରେଡକ୍ରସ ପାଣ୍ଠିରୁ ଶବ ସତ୍କାର ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରାଯିବା ପରେ ରାସ୍ତାରୋକୋ ହଟିଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍ (ଓଡି ୦୪ କେ ୩୯୬୪)କୁ ଜବତ କରିଛି । ଏ ନେଇ ମାର୍ଶାଘାଇ ଥାନାରେ ୧୩୫/୧୯ନଂ ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ସୂଚନାଯୋଗ୍ୟ ଯେ, ପାରାଦୀପକୁ ଯାଉଥିବା ମାଲବାହୀ ଟ୍ରକଗୁଡିକ ଜାତୀୟ ରାଜପଥ ଉପରେ ଦିନ ଦିନ ଧରି ଲାଇନରେ ଛିଡା ହୋଇ ରହୁଛି । ଫଳରେ ବାରମ୍ବାର ଦୁର୍ଘଟଣା ଘଟୁଛି ।

ପ୍ରକାଶ ପାଇଲା ଯୁକ୍ତ ୨ ବିଜ୍ଞାନ ଫଳ

## ସରସ୍ୱତୀ, ରାଜଲକ୍ଷ୍ମୀ, କଲ୍ୟାଣୀଙ୍କ କୃତିତ୍ୱ

**ଡେରାବିଶ, ୩୧୬ ( ସ୍ୱ.ପ୍ର.)**

**ଡେରାବିଶ ମହାବିଦ୍ୟାଳୟରେ ପାସ୍ ହାର ୭୧.୪୧**

ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୋମବାର ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। ପ୍ରକାଶିତ ଫଳାଫଳ ଅନୁଯାୟୀ ଡେରାବିଶ ମହାବିଦ୍ୟାଳୟର ପାସ୍ ହାର ଶତକଡା ୭୧. ୪୨ ପ୍ରତିଶତ ରହିଥିବା ଜଣାଯାଇଛି। ଚଳିତ ବର୍ଷ ଏହି କଲେଜର ମୋଟ ୯୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୦ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୨ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୯ଜଣ ଦ୍ୱିତୀୟ ଓ ୨୯ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ତେବେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ୧୨ ଜଣଙ୍କ ମଧ୍ୟରେ ୧୧ ଜଣ ଛାତ୍ରୀ ଥିବା ବେଳେ ଜଣେ ଛାତ୍ର ଅଛନ୍ତି। ଛାତ୍ରୀ ସରସ୍ୱତୀ ଦାଶ ସର୍ବାଧିକ ୪୩୬ନମ୍ବର ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଥିବା କଲେଜ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ସେହିପରି ଛାତ୍ରୀ ରାଜଲକ୍ଷ୍ମୀ ସିଂହ ୪୩୩ ନମ୍ବର ରଖି ଦ୍ୱିତୀୟ ଓ ଛାତ୍ରୀ କଲ୍ୟାଣୀ ଜେନା ୪୨୧ନମ୍ବର ରଖି କଲେଜରେ ତୃତୀୟ ସ୍ଥାନ ଅଧିକାର କରିଥିବା ସୂଚନା ମିଳିଛି।

## ବିଜେଡି କର୍ମୀ ସମ୍ମିଳନୀ



ସମ୍ମିଳନୀରେ ବିଜେଡି କର୍ମୀମାନେ।

**ପାଟକୁରା, ୩୧୬ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ଅଧୀନ ବେଡ଼ାରୀ ପଞ୍ଚାୟତର ମେଲଣ ପଡିଆଠାରେ ରବିବାର ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଡ଼ାରୀ ପଞ୍ଚାୟତର ପରକଣା, ଶ୍ରୀଚନ୍ଦନପୁର, ଦଲୁଆଣି, ସୋଲପାଟ, ବେଡ଼ାରୀ, କୂଳତୁଠୀ ଓ ହରିଦାସପୁର ଆଦି ଗ୍ରାମର ଶତାଧିକ ଦଳୀୟ କର୍ମୀମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପାଟକୁରା ପୂର୍ବତନ ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ପୁଅ ସଞ୍ଜୟ ଅଗ୍ରୱାଲ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ ଦାସ ଓ କୃଷକ ନେତା ନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ପାଟକୁରା ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କୁ ବିପୁଳ ଭୋଟ ଦେଇ ଜିତାଇବାକୁ ଏଠାରେ କର୍ମୀମାନେ ଆହ୍ୱାନ ଦେଇଥିଲେ। ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ବାରିକଙ୍କ ସଞ୍ଚାଳନରେ ଆୟୋଜିତ ଏହି ସମ୍ମିନଳୀରେ ବେଡାରୀ ସରପଞ୍ଚ ଗୋକୁଳାନନ୍ଦ ବେହେରା, ନିତ୍ୟାନନ୍ଦ ବେହେରା, ବିସ୍ମୟ କୁମାର ଖୁଣ୍ଟିଆ, ଗୌରାଙ୍ଗ ଚରଣ ନାୟକ, ବସନ୍ତ କୁମାର ବେହେରା, ସୋମା ମହାନ୍ତି, ରଞ୍ଜନ କୁମାର ମହାପାତ୍ର, ନାରାୟଣ ଚନ୍ଦ୍ର ସାହୁ ଓ ପାପୁ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶିତ

## ଜିଲାରେ କମିଲା ପାସ୍ ହାର

**କେନ୍ଦ୍ରାପଡା ଅଫିସ, ୩୧୬**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। କେନ୍ଦ୍ରାପଡା ଜିଲାରେ ଗତ ବର୍ଷ ତୁଳନାରେ ଏବର୍ଷ ପାସ୍ ହାର କମିଛି। ୨୦୧୮ରେ ପାସ୍ ହାର ୭୮.୩୮ ପ୍ରତିଶତ ରହିଥିବା ବେଳେ ଚଳିତ ବର୍ଷ ୭୧.୭୬ ପ୍ରତିଶତ ହୋଇଛି। ଚଳିତ ବର୍ଷ ଏହି ଜିଲାର ମୋଟ ୩୦୭୪ ଶିକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୫୨୦, ଦ୍ୱିତୀୟ ଶ୍ରେଣୀରେ ୭୯୫ ଓ ତୃତୀୟ ଶ୍ରେଣୀରେ ୮୬୧ ଜଣ ଛାତୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାରେ ୩୦ ପରୀକ୍ଷାର୍ଥୀ କମ୍ପାଟମେଣ୍ଟାଲରେ ଥିବା ସୂଚନା ମିଳିଛି। କେନ୍ଦ୍ରାପଡ଼ା କଲେଜର ଶୁଭକାନ୍ତ ସାହୁ ଜିଲାରେ ସର୍ବୋଚ୍ଚ ୫୪୩ ନମ୍ବର ରଖିଥିବା କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ସ୍ୱାମୀ ପରିତ୍ୟକ୍ତା ପାଳିଲେ ସାବିତ୍ରୀ ବ୍ରତ

**କେନ୍ଦ୍ରାପଡା ଅଫିସ, ୩୧୬**

ବିବାହ ଏକ ସାମାଜିକ ବନ୍ଧନ। ରୀତିନୀତି ହେଉଛି ସାମାଜିକ ଚଳଣୀ। ସ୍ତ୍ରୀ-ସ୍ୱାମୀ ଭଳି ପବିତ୍ର ବନ୍ଧନ ଓଡ଼ିଆ ସଂସ୍କୃତିକୁ ରୁଦ୍ଧିମନ୍ତ କରିଛି। ସ୍ୱଳ୍ପ ସମୟ ପାଇଁ ହେଲେ ମଧ ଏହି ସମ୍ପର୍କ ଆମ ପାଇଁ ଚିରନ୍ତନ। ଏହା କେବେ ଭୁଲି ହେବ ନାହିଁ ବୋଲି ସହରର ମନକରପୁରସ୍ଥିତ ସ୍ୱଳ୍ପ ରହଣୀସ୍ଥଳ (ରିସୱା)ରେ ସାବିତ୍ରୀ ବ୍ରତ ପାଳନ କରିଥିବା ସ୍ୱାମୀ ପରିତ୍ୟକ୍ତା ମହିଳାମାନେ କହିଛନ୍ତି। ସେମାନଙ୍କ ମଧ୍ୟରୁ ଜନୈକା ମହିଳା କହିଛନ୍ତି, ମନୋମାଳିନ୍ୟ ହେତୁ ଶାଶୁଘର ଛାଡ଼ି ରିସୱାରେ ମାସେ ହେବ ରହି ଆସୁଛନ୍ତି। ସାବିତ୍ରୀ ବ୍ରତ ପାଳନ କରି ସ୍ୱାମୀଙ୍କ ମଙ୍ଗଳ ମନାସିଛନ୍ତି ବୋଲି ସେ କହିଛନ୍ତି। ରିସୱାରେ ରହୁଥିବା ୩୦ରୁ ଊର୍ଦ୍ଧ୍ୱ ମହିଳା ସାବିତ୍ରୀ ବ୍ରତ ସୋମବାର ପାଳନ କରିଛନ୍ତି। ଯୌତୁକ ନିର୍ଯାତନା ପାଇ ଶାଶୁଘର ଛାଡ଼ିଥିବା ମନସ୍ୱିନୀ କହିଛନ୍ତି, ଘର ସଂସାରରେ ଆବଦ୍ଧ ସ୍ତ୍ରୀ ସବୁ ପ୍ରକାରର ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ନିଜେ ଅନ୍ୟର ସୁରକ୍ଷା ଓ ନିରାପତ୍ତା ପାଇଁ କେତେ ତ୍ୟାଗ କରିପାରେ, ତାହା ହିଁ ସାବିତ୍ରୀ ବ୍ରତର ମୂଳକଥା। ତେବେ ଭାଗ୍ୟର ବିଡ଼ମ୍ବନା ଓ ଅନିଶ୍ଚିତ ଭବିଷ୍ୟତ ଆଶଙ୍କା ଏବେ ଚିନ୍ତାରେ ପକାଇଛି। ବାପଘରର ଆର୍ଥିକ ସ୍ୱଚ୍ଛଳତା ନଥିବା ଜାଣିଥିଲେ ମଧ ଶାଶୁଘର ପରିବାର ସଦସ୍ୟ ଯୌତୁକ ପାଇଁ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଇଥିଲେ। ଏଥିପାଇଁ ଥାନାରେ ମାମଲା ହେବା ପରେ ଏଠାରେ ସେ ରହୁଛନ୍ତି ବୋଲି କହିଛନ୍ତି। ଏହି କେନ୍ଦ୍ରର ତତ୍ତ୍ୱାବଧାରିକା ମିନତି ମହାରଣା ଶାଶୁଘର ସଦସ୍ୟଙ୍କ ସହିତ ଯୋଗାଯୋଗ କରିଛନ୍ତି। ଶାଶୁଘରକୁ ଫେରିବା ଆଶାରେ ଅଛି। ଶାଶୁଘରର ଶୁଭମନାସି ଏହି ବ୍ରତରେ ସାମିଲ ଥିବା ସେ କହିଛନ୍ତି। ସେହିପରି ଏଠାରେ ରହୁଥିବା ଜଣେ ନାବାଳିକା କୁହନ୍ତି, ପ୍ରେମ ସମ୍ପର୍କ ଥିବାରୁ ଦୁହେଁ ଲୁଚି ମନ୍ଦିରରେ ବିବାହ କରିଥିଲୁ। ତେବେ ପରିବାର ସଦସ୍ୟ ଏ ନେଇ ଥାନାରେ ମାମଲା କରିଥିଲେ। ଆଉ ମାତ୍ର ଦୁଇମାସ ପରେ ସାବାଳିକା ହେବି। ଦୁହେଁ ପୁଣି ଘରସଂସାର କରିବୁ। ମହିଳାମାନେ ଉପବାସ ରହି ନିତ୍ୟକର୍ମ ସାରି ରିସୱା ପକ୍ଷରୁ ଦିଆଯାଇଥିବା ନୂଆ ଶାଢି ପିନ୍ଧି ପୂର୍ବାହ୍ନରେ ପୂଜାର୍ଚ୍ଚନା କରିଥିଲେ। ଅନୁଷ୍ଠାନର ତତ୍ତ୍ୱାବଧାରିକା ମହାରଣା ଏବଂ ରିନୁଜା ରାଉତରାୟ ଏହି ବ୍ରତ ପାଳନ ପାଇଁ ସମସ୍ତ ଆୟୋଜନ କରିଥିଲେ।

# ଫନୀ ପ୍ରଭାବରେ ମୁଗ ଫସଲ ନଷ୍ଟ, ଚାଷୀ ହତାଶ

**ପାଟକୁରା,୩୧୬(ଡି.ଏନ.ଏ.)**



ଉପୁଡା ନ ଯାଇ ମୁଗ ଗଛ ଜମିରେ ରହି ଶୁଖୁଛି।

ଫନୀ ବାତ୍ୟା ପ୍ରଭାବରେ ଗରଦପୁର ବ୍ଲକ ଅଞ୍ଚଳରେ ଶତକଡା ୩୩ ଭାଗ ମୁଗ ଫସଲ ନଷ୍ଟ ହୋଇଛି । ମାର୍ଶାଘାଇ କୃଷି ଜିଲା ଅଧିକାରୀ ଶରତ ଚନ୍ଦ୍ର ଦାସ ଏହି ସୂଚନା ଦେଇଛନ୍ତି । ଫନୀ ବାତ୍ୟା ପୂର୍ବରୁ ଅଞ୍ଚଳରେ ପ୍ରାୟ ୨୦ ପ୍ରତିଶତ ଜମିରୁ ମୁଗ ଉପଡା ଯାଇ ଅମଳ କରାଯାଇଥିଲା । ତେବେ ଫନୀ ବେଳେ ବର୍ଷା ଓ ପବନ ମାଡରେ ମୁଗ ଫସଲର କ୍ଷତି ଘଟିଥିଲା । ଚାଷୀମାନେ ବାତ୍ୟା ପରେ ପରେ ଅମଳ ପାଇଁ ଜମିରୁ ମୁଗ ଗଛ ଉପାଡି ଆଣିଥିଲେ । କିନ୍ତୁ ସେଥିରୁ ଅର୍ଦ୍ଧାଧିକ ମୁଗ ନଷ୍ଟ ହୋଇଥିବାର ଦେଖାଯାଇଥିଲା । ଅପରପକ୍ଷରେ ବାତ୍ୟା ପରେ ଅମଳ କରାଯାଉ ଥିବା ମୁଗକୁ ବେପାରୀମାନେ ନେବା ପାଇଁ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଏଭଳି ପରିସ୍ଥିତିରେ ଶୁକ୍ରବାର ଗରଦପୁର ବ୍ଲକ ଅଞ୍ଚଳ ପାଇଁ ସରକାରଙ୍କ ପକ୍ଷରୁ ମାର୍କଫେଡ ମାଧ୍ୟମରେ ଗରଦପୁର ସେବା ସମବାୟ ସମିତିରେ ମୁଗ ମଣ୍ଡି ଉଦ୍‌ଘାଟନ କରାଯାଇଛି । ଏହି ମଣ୍ଡିରେ ମଧ ଏଫ୍ କ୍ୟୁ ମାନ ଥିବା ମୁଗ ଗ୍ରହଣ କରାଯିବ ବୋଲି ମାର୍କଫେଡର ଉପସ୍ଥିତ ଅଧିକାରୀମାନେ ସମବାୟ ସମତିର କର୍ମକର୍ତ୍ତାମାନଙ୍କୁ ସତର୍କ କରାଇ ଦେଇଛନ୍ତି । ଏଣୁ ଫନୀରେ କ୍ଷୟକ୍ଷତି ହୋଇ ଅମଳ ହେଉଥିବା ମୁଗକୁ ଚାଷୀମାନେ ମଣ୍ଡିରେ ବିକ୍ରୟ କରି ପାରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏ ନେଇ ମୁଗ ଚାଷୀମାନେ ହତାଶ ହୋଇ ପଡିଛନ୍ତି।

ଏପରିକି ବାତ୍ୟାରେ ପ୍ରଭାବିତ ହୋଇ ଜମିରେ ଥିବା ମୁଗ ଗଛକୁ ଆଉ ଉପାଡିବା ପାଇଁ ଯାଉନାହାନ୍ତି ବୋଲି ପାଟକୁରା ପଞ୍ଚାୟତ ଗୋବଣ୍ଡିଆ ଗ୍ରାମର ଚାଷୀ ଅଭିମନ୍ୟୁ ଲେଙ୍କା ପ୍ରକାଶ କରିଛନ୍ତି । ଚଳିତବର୍ଷ ସେ ୩ ଏକର ଜମିରେ ମୁଗ ଚାଷ କରିଥିଲେ,ମାତ୍ର ୧୦ ଗୁଣ୍ଠ ଜମିରୁ ମୁଗ ଉପାଡିଛନ୍ତି ,ସେଥିରୁ ଖରାପ ମୁଗ ଅମଳ ହେଉଥିବାରୁ ଅବଶିଷ୍ଟ ଅଢେଇ ଏକର ଜମିରୁ ମୁଗ ଉପାଡି ନାହାଁନ୍ତି । ଉପଡା ଯାଇ ନ ଥିବା ମୁଗ ଜମିରେ ଏବେ ଗାଇଗୋରୁ ଚରୁଛନ୍ତି ବୋଲି ଲେଙ୍କା କହିଛନ୍ତି । ସେହିପରି ଗୋବଣ୍ଡିଆ ଗ୍ରାମର କୁଳମଣି ଲେଙ୍କାଙ୍କର ୧୫ ଗୁଣ୍ଠ,ସୁଶାନ୍ତ ଲେଙ୍କାଙ୍କର ଦେଢ ଏକର ଜମି,ଶକ୍ତିଧର ମୁଦୁଲିଙ୍କର ୧ଏକର ଜମି, ଯମୁନାବାଦ ଗ୍ରାମର

**ଗରଦପୁର ବ୍ଲକ**

ମୁରଲି ଲେଙ୍କା,ପରୀକ୍ଷିତ ବେହେରା, ଅଶୋକ ବେହେରା, ନିରଞ୍ଜନ ମଲ୍ଲ, ମକର ସାମଲ, ଶ୍ରୀଚନ୍ଦନପୁର ଗ୍ରାମର ଟିଙ୍କି ପାତ୍ର,ପୁର୍ଣ୍ଣାନନ୍ଦ ନାୟକ,ରଞ୍ଜିତ କୁମାର ମୁଦୁଲି, କୁଳମଣି ସାହୁଙ୍କ ସମେତ ଅନ୍ୟ କେତେକ ବ୍ୟକ୍ତିଙ୍କର ଜମିରେ ହୋଇଥିବା ମୁଗ ଚାଷ ଫନୀ ବାତ୍ୟାରେ ନଷ୍ଟ ହୋଇଥିବାର ଜଣାଯାଇଛି । ବାତ୍ୟା ପ୍ରଭାବରେ ମୁଗ ଛୁଇଁରେ ବର୍ଷା ପାଣି ପ୍ରବେଶ କରି ମୁଗ ନଷ୍ଟ ହୋଇ ଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି । କୃଷି ଓ ରାଜସ୍ୱ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି । କେନ୍ଦ୍ରାପଡା କୃଷକ ବିକାଶ ମଞ୍ଚର ଆବାହକ ଘନଶ୍ୟାମ କାପ୍‌ଙ୍କ ନେତୃତ୍ୱରେ ଚାଷୀମାନେ ଗୁରୁବାର ଗରଦପୁର ତହସିଲଦାରଙ୍କ ଜରିଆରେ କେନ୍ଦ୍ରାପଡା ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଫନୀ ବାତ୍ୟା ପ୍ରଭାବରେ ଉଜୁଡି ଯାଇଥିବା ମୁଗ ଫସଲର ସଠିକ୍ ଆକଳନ କରାଯାଇ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଏଥିରେ ଦାବି କରାଯାଇଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଜୁନ୍, ୨୦୧୯



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ଦରିଆ ନାହାକାଣୀ ପୀଠରେ ମହିଳାଙ୍କ ଭିଡ଼

**ସିଂହପୁର,୩।୬(ଡି.ଏନ୍.ଏ.):** ସିଂହପୁର ଅଞ୍ଚଳରେ ସୋମବାର ବ୍ରତ ପାଳିତ ହୋଇଯାଇଛି। ବ୍ରତ ଉପଲକ୍ଷେ ସିଂହପୁର ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଦରିଆ ନାହାକାଣୀ ପୀଠରେ ସକାଳରୁ ମହିଳାଙ୍କ ଭିଡ ଲାଗିରହିଥିଲା। ମହିଳାମାନେ ବିଭିନ୍ନ ଫଳମୂଳ ଧରି ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ସ୍ୱାମୀଙ୍କ ଦୀର୍ଘଜୀବନ ମନାସିଥିଲେ।

### ମାଟ୍ରିକ୍ ଏ-୧ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ଧର୍ମଶାଳା,୩।୬(ଡି.ଏନ୍.ଏ.):** ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ୪ଜଣ ଛାତ୍ରୀଛାତ୍ରଙ୍କୁ ସୋମବାର ଧର୍ମଶାଳା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ବିଇଓ ପ୍ରଫୁଲ୍ଲ କୁମାର ବେହେରା ସଭାପତିତ୍ୱ କରି ଟପ୍ପର ରୋଜାଲିନ୍ ସାହୁ, ଦେବାଶିଷ ମହାନ୍ତି, ସତ୍ୟପ୍ରିୟ ବେହେରା ଓ ଶାଶ୍ୱତୀ ସାହୁଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଭବିଷ୍ୟତରେ ଭଲ ମଣିଷ ହୋଇ ଅଞ୍ଚଳର ସୁନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ସଫଳତା ପାଇଥିବା ସ୍କୁଲର ଶିକ୍ଷକ ନିରୋଜ ମହାନ୍ତି, ନିର୍ମଳ ନାୟକ, ଦାମୋଦର ସାହୁ, ସଚ୍ଚିଦାନନ୍ଦ ବେହେରାଙ୍କୁ ଉପଢୌକନ ପ୍ରଦାନ କରି ବିଇଓ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥିଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ କୁମାର ବିଶ୍ୱାଳ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ସଭାପତି ଶ୍ରୀ ଜେନା 'ଗୋକର୍ଣ୍ଣିକା' ପତ୍ରିକା ଉପହାର ଦେଇଥିଲେ।

### ସିଂହପୁରରେ କାଳବୈଶାଖୀ

**ସିଂହପୁର,୩।୬(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ରବିବାର ସନ୍ଧ୍ୟାରେ କାଳବୈଶାଖୀ ତାଣ୍ଡବ ରଚିଛି। ପ୍ରବଳ ବର୍ଷା ଓ ବଜ୍ରପାତ ଯୋଗୁ ଲୋକେ ଭୟଭୀତ ହୋଇପଡିଥିଲେ। ଦୀର୍ଘ ୧ ଘଣ୍ଟା କାଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଏଥିରେ ଧନଜୀବନ ନଷ୍ଟ ହୋଇ ନ ଥିବା ଜଣାପଡ଼ିଛି। ବଜ୍ରପାତ ଯୋଗୁ ରବିବାର ୬ଟାରୁ ସୋମବାର ଅପରାହ୍ଣ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ୍‌କାଟ ହୋଇଥିଲା।

### ଯାଜପୁର ମୁସଲିମ୍ ୟୁଥ୍ ପକ୍ଷରୁ ଇଫ୍ତାର ପାର୍ଟି



**ଯାଜପୁର ଟାଉନ,୩।୬(ଡିଏନଏ):** ଯାଜପୁର ସହରର ମୁସଲିମ୍ ୟୁଥ୍ ପକ୍ଷରୁ ସଂସ୍କୃତିଭବନ ପରିସରରେ ଇଫ୍ତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ଏହି ପାର୍ଟିରେ ସ୍ଥାନୀୟ ବିଧାୟକ ପ୍ରଣବ ପ୍ରକାଶ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଯାଜପୁର ସହରରେ ଥିବା ଭାଇଚାରାକୁ ଏଭଳି ଢଙ୍ଗରେ ବଞ୍ଚାଇ ରଖିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରପାଳ ଭବପ୍ରସାଦ ଦାସ, ପୂର୍ବତନ ଉପନଗରପାଳ ବିଜୟ କୁମାର ମହାନ୍ତି, ପ୍ରଧାପକ ବଟକୃଷ୍ଣ ମହାପାତ୍ର, ସେକ୍ ଅବଦୁଲ ସାଜିଦ୍ ପ୍ରମୁଖ ଅତିଥିଭାବେ ଯୋଗଦେଇ ରମ୍‌ଜାନ୍ ମାସର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ଅନ୍ୟତମ ଅତିଥିଭାବେ ପୂର୍ବତନ ପୌରାଧକ୍ଷ ଭବ ପ୍ରସାଦ ଦାସ, ପୂର୍ବତନ ଉପାଧକ୍ଷ ବିଜୟ ମହାନ୍ତି, ଅଧାପକ ବଟକୃଷ୍ଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସେକ୍ ଶାହାଜୁଦ୍ଦିନ୍ (କଉ), ସେକ୍ ଅବଦୁଲ୍ ସାଜିଦ୍ (ଚାନ୍ଦ), ଇକ୍‌ବାଲ୍ ଅଲ୍ଲୀ ଖାଁ, ସେକ୍ ମୁର୍ତ୍ତୁଜାଙ୍କ ଉଦ୍ୟମରେ ଆୟୋଜିତ ଏହି ଇଫ୍ତାର ପାର୍ଟିକୁ ମୁସଲିମ୍ ୟୁଥ୍‌ର ସେକ୍ ହାଇଦର ଅଲ୍ଲୀ, ଏସ.ଏ. ମୁସ୍ତାଫା, ସେକ୍ ଅନୱାର, ସେକ୍ ଜୁଲଫିକର, ସେକ୍ ସାହାବୁଦ୍ଦିନ୍ (ଟିଙ୍କିନା), ସେକ୍ ସୋଲୋ, ସେକ୍ ମୁଜାହିଦ୍ ଇସ୍‌ଲାମ ପ୍ରମୁଖ ପରିଚାଳନା କରିଥିଲେ। ଏହି ଇଫ୍ତାର ପାର୍ଟିରେ ସ୍ଥାନୀୟ ପୂର୍ବତନ କାଉନ୍‌ସିଲର ଦୀପକ ଦାସ, ତୁଷାର ରଞ୍ଜନ ବେହେରା, ଯୁବ ବିଜେଡ଼ି ନେତା ମନୋଜ ସାହୁ, ପାର୍ଥ ରାୟ, ରଘୁନାଥ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ଇମାମି ସିମେଣ୍ଟ କାରଖାନାର ପ୍ରତାରଣା

# ନିଯୁକ୍ତି ପାଇଲେନି ଜମିହରା ପରିବାର

**ଯାଜପୁର ଅଫିସ/ କଳିଙ୍ଗନଗର(ଡି.ଏନ.ଏ.),୩।୬**

ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ଶିଳ୍ପାୟନ ଚାଲିଛି। ପୁଞ୍ଜିପତିଙ୍କ ପୁଞ୍ଜି ବିନିଯୋଗରେ କଳକାରଖାନା ପ୍ରତିଷ୍ଠା ହେଉଛି। ଏଥିପାଇଁ ଲୋକଙ୍କର ହଜାର ହଜାର ଏକର ଜମି, ଘର ରାଜ୍ୟ ସରକାରଙ୍କ ସଂସ୍ଥା ଇଡକୋ ଜରିଆରେ ଅଧିଗ୍ରହଣ କରାଯାଇଛି। ଏହି ପ୍ରକ୍ରିୟାରେ ଭିଟାମାଟି ଜମି ହରାଉଥିବା ଲୋକଙ୍କୁ ନ୍ୟାୟ ମିଳୁ ନ ଥିବାରୁ ଶିଳ୍ପକୁ ନେଇ ଅସନ୍ତୋଷ ସୃଷ୍ଟି ହେଉଛି। ଏହିକ୍ରମରେ ମେସର୍ସ ଇମାମି ସିମେଣ୍ଟ ଲିମିଟେଡ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମାନତିରା ମୌଜା ଅନ୍ତର୍ଗତ ଦସମାଣିଆଠାରେ ସିମେଣ୍ଟ ଗ୍ରାଇଣ୍ଡିଙ୍ଗ ମିଲ ପ୍ରକଳ୍ପରୁ ଉତ୍ପାଦନ ଆରମ୍ଭ ହୋଇଛି। ହେଲେ ପୂର୍ବ ପ୍ରତିଶ୍ରୁତି ଅନୁସାରେ ଇମାମି କାରଖାନା କର୍ତ୍ତୃପକ୍ଷ ପ୍ରାୟ ୪୦ ଜମିହରା ପରିବାରବର୍ଗଙ୍କୁ ଏଯାଏ ସ୍ଥାୟୀ ନିଯୁକ୍ତି ଦେଇପାରି ନାହାଁନ୍ତି। ଏନେଇ ବାରମ୍ବାର କ୍ଷତିଗ୍ରସ୍ତ ପରିବାରବର୍ଗ ଇମାମି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ହେଁ ବିଭିନ୍ନ ଆଳ ଦେଖାଇ ଦିନ ଗଡାଇ ଚାଲିଛନ୍ତି। ଏପରିକି କାରଖାନାରୁ ଉତ୍ପାଦନ କରି ବିକ୍ରି ଆରମ୍ଭ ହୋଇଥିଲେ ହେଁ ଏହା ପରୀକ୍ଷାରେ ଚାଲିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

ଯାଜପୁର ଜିଲା ଦାନଗଦି ବ୍ଲକ ମାନତିରା ମୌଜାରେ ନବେ ଦଶକରେ ହଜାରେରୁ ଊର୍ଦ୍ଧ୍ୱ ଏକର ଚାଷ ଜମି ଇଡକୋ ଦ୍ୱାରା ଅଧିଗ୍ରହଣ ହୋଇଛି। ସେତେବେଳେ ଶାଗମାଛ ଦରରେ ଇଡକୋ ଚାଷୀଙ୍କଠାରୁ ଜମି ନେଇ ବିଭିନ୍ନ ଶିଳ୍ପ କାରଖାନା ହାତକୁ ଟେକି ଦେଇଛି। ଏହିକ୍ରମରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗୋଟିଏ ପରେ ଗୋଟିଏ ଇସ୍ପାତ ଶିଳ୍ପ ଗଢି ଉଠିଥିବାବେଳେ ଏବେ ସିମେଣ୍ଟ କମ୍ପାନୀକୁ ଲମ୍ବା ଧାଡି ଲାଗିଛି। ୨୦୧୭ରେ କଳିଙ୍ଗନଗରେ ଇମାମି ସିମେଣ୍ଟ କାରଖାନା ଗଢି ଉଠିଥିଲା। ବର୍ଷକୁ ୨.୦ ମିଲିୟନ ଟନ ପୋର୍ଟଲ୍ୟାଣ୍ଡ ପୋଯୋଲୋନା ସିମେଣ୍ଟ(ପିପିସି), ପୋର୍ଟଲ୍ୟାଣ୍ଡ ଧାତୁ ଖାଦ(ପିଏସସି) ଏବଂ ସାଧାରଣ ପୋର୍ଟଲ୍ୟାଣ୍ଡ ସିମେଣ୍ଟ(ଓପିସି) ଉତ୍ପାଦନ କରିବାକୁ ଏହି କାରଖାନା ଲକ୍ଷ୍ୟ ରଖିଥିଲା। ପ୍ରକଳ୍ପରେ ସମୁଦାୟ ୪୦୧ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଏହାସହ ପ୍ରକଳ୍ପର ନିର୍ମାଣ ଅବଧି ସମୟରେ ପ୍ରାୟ ୪୫୦ ଜଣ କର୍ମଚାରୀ ଏବଂ ୫୮ଜଣ ସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରକଳ୍ପ ପାଇଁ ସମୁଦାୟ ୭୦.୫୦ ଏକର ଜମି ସରକାରଙ୍କଠାରୁ ଲିଜ ସୂତ୍ରରେ ନିଆଯାଇଛି। ତେବେ ଏଥିପାଇଁ ପ୍ରଭାବିତ ଲୋକେ ପ୍ରଥମ ଜନଶୁଣାଣିକୁ ବିରୋଧ କରି ହଙ୍ଗାମା କରିଥିଲେ। ପରବର୍ତ୍ତି ସମୟରେ ଇମାମି କର୍ତ୍ତୃପକ୍ଷ ଚଞ୍ଚକତା କରି କେତେକ ପ୍ରଭାବଶାଳୀ ରାଜନେତାଙ୍କୁ ହାତକରି ଜନଶୁଣାଣିକୁ ସଫଳ କରିଥିଲେ। ସେତେବେଳେ ସମସ୍ତ ଜମିହରା ପରିବାରଙ୍କୁ ନିଯୁକ୍ତି ସମେତ ଏକର ପିଛା ୧ଲକ୍ଷ ୩୫ହଜାର ଟଙ୍କା ଲେଖାଏ ଅତିରିକ୍ତ କ୍ଷତିପୂରଣ ଦେବାକୁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ତେବେ କ୍ଷତିପୂରଣ ରାଶି ପ୍ରଦାନ କରି କମ୍ପାନୀରୁ ଉତ୍ପାଦନ ଆରମ୍ଭ ହୋଇଥିଲେ ହେଁ ଜମିହରା ପରିବାରଙ୍କୁ ଇମାମି କର୍ତ୍ତୃପକ୍ଷ ଭୁଆଁ ବୁଲାଇ ଚାଲିଛନ୍ତି। ନିର୍ବାଚନ ପରେପରେ ଜମିହରାଙ୍କୁ ନିଯୁକ୍ତି ଦିଆଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ଏଯାଏ କାର୍ଯ୍ୟକାରୀ ହୋଇ ନ ଥିବାରୁ ଜମିହରା ପରିବାରବର୍ଗଙ୍କ ମଧ୍ୟରୁ ରବିନ୍ଦ୍ର ସାମଲ, ପ୍ରମୋଦ ଘଡେଇ, ଦେବେନ୍ଦ୍ର ଘଡେଇ, ରମେଶଚନ୍ଦ୍ର ସିଂ, ମହେଶ୍ୱର ସିଂ, ଧ୍ରୁବଚରଣ ଜେନା, କାଳିଆ ଦେଓ ପ୍ରମୁଖ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦେଇଛନ୍ତି। ଇମାମି କାରଖାନା ପାଇଁ ଜମି, ଜୀବିକା ହରାଇ ମାନତିରା ଓ ପଙ୍କପାଳ ଗ୍ରାମର ପ୍ରାୟ ୪୦ ପରିବାର ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଗତ ଦୁଇ ଦଶନ୍ଧି ହେଲା ଶିଳ୍ପ କମ୍ପାନୀମାନେ ଲୋକଙ୍କୁ ଠକି ଚାଲିଛନ୍ତି। ପୁନର୍ବାସ ଓ ଥଇଥାନ ଉପଦେଷ୍ଟା କମିଟି ବସୁଛି ଆଉ ସମସ୍ୟାର ଆଲୋଚନା ହୋଇ ନିଷ୍ପତ୍ତି ମଧ୍ୟ ହେଉଛି ସତ ହେଲେ ତାହା କାର୍ଯ୍ୟକାରୀ ହେଉନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଧୈର୍ଯ୍ୟଚ୍ୟୁତି ଘଟିବାରେ ଲାଗିଛି। ଉଚ୍ଚସ୍ତରରେ ପ୍ରତିନିଧିତ୍ୱ କରୁଥିବା ଜନ ପ୍ରତିନିଧିଙ୍କ ଭୂମିକା ଲୋକଙ୍କ ପାଇଁ ସନ୍ତୋଷଯୋଗ୍ୟ କିମ୍ବା ଗ୍ରହଣଯୋଗ୍ୟ ହେଉନାହିଁ। ଏ ସଂକ୍ରାନ୍ତରେ କଳିଙ୍ଗନଗର ଇମାମି କାରଖାନାର ସିନିୟର ମ୍ୟାନେଜର ଅଞ୍ଜନ ଦାସଙ୍କୁ ପଚାରିବାରେ, କ୍ଷତିଗ୍ରସ୍ତ ଲୋକଙ୍କୁ ନିଯୁକ୍ତି ଦେବାକୁ ଆଲୋଚନା ଚାଲିଛି। ନୀତି ନିୟମ ଅନୁସାରେ ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରାଯିବ। କମ୍ପାନୀ କାହାରିକୁ ପ୍ରରୋଚନା କରୁନାହିଁ ବୋଲି ସେ କହିଛନ୍ତି।



■ଶିଳ୍ପ ପାଇଁ ଜମି ଦେଇ ଚାଷୀ ସର୍ବହରା
■ଆରମ୍ଭ ହେଲାଣି ଉତ୍ପାଦନ, ଗଡୁଛି ଦିନ

### ତହସିଲ ପକ୍ଷରୁ ଚଢାଉ: ୬ଟି ଗାଡ଼ି ଜବତ

**ଧର୍ମଶାଳା,୩।୬(ଡି.ଏନ୍.ଏ.)**

ଧର୍ମଶାଳା ତହସିଲଦାର ଓ ଅତିରିକ୍ତ ତହସିଲଦାର ରବିବାର ଓ ସୋମବାର ରାସ୍ତାକାମ ପାଇଁ ବେଆଇନଭାବେ ମାଟି ଆଣୁଥିବା ୬ଟି ହାଇୱା, ଗୋଟିଏ ଟ୍ରାକ୍ଟର ଓ ଗୋଟିଏ ଡ୍ରିଲିଂ ମେଶିନ୍ ଜବତ କରିଛନ୍ତି। ୧୬ନଂ ଜାତୀୟ ରାଜପଥ ପ୍ରସସ୍ତୀକରଣ ପାଇଁ କାମନେଇଥିବା ଠିକାଦାର ବେଆଇନଭାବେ ବିଭିନ୍ନସ୍ଥାନରୁ ମାଟି ଉତ୍ତୋଳନ କରି ହାଇୱା ସାହାଯ୍ୟରେ ଆଣି କାମରେ ଲଗାଉଛନ୍ତି। ଏ ନେଇ ଅଭିଯୋଗ ପାଇବା ପରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ଓ ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି ଧର୍ମଶାଳା–କବାଟବନ୍ଧ ରାସ୍ତାର ନାକପୋଲ ଓ ଚଣ୍ଡିଖୋଲ– ଡୁବୁରୀ ରାସ୍ତାର କଣ୍ଟିଗଡିଆଠାରେ ଚଢାଉ କରିଥିଲେ। ସୋମବାର ୨ଟି ହାଇୱା ଓ ରବିବାର ୪ଟି ହାଇୱା, ଟ୍ରାକ୍ଟର ଓ ଗୋଟିଏ ଡ୍ରିଲିଂ ମେଶିନକୁ ଜବତ କରି ଥାନା ଓ ଫାଣ୍ଡିରେ ଅଟକ ରଖିଛନ୍ତି। ଜବତ ଗାଡିଗୁଡିକଠାରୁ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ପଣ୍ଡା ସୂଚନା ଦେଇଛନ୍ତି।

## ବଜାର କମିଟି ନାଁରେ ଫେରାଦ ହେଲେ ବ୍ୟବସାୟୀ

**ଦଶରଥପୁର,୩।୬(ଡି.ଏନ.ଏ.)**

ମଙ୍ଗଳପୁର ବଜାର କମିଟିର କେତେଜଣ ସଭ୍ୟଙ୍କ ନାମରେ ସମ୍ପୃକ୍ତ ବଜାର କମିଟିର ଜଣେ ବ୍ୟବସାୟୀ ଥାନାରେ ଫେରାଦ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମଙ୍ଗଳପୁର ବଜାରରେ ମଦନ ମଲ୍ଲିକ ଚିକେନ୍ ସେଣ୍ଟର କରିଛନ୍ତି। ଗତ ୨୯ ତାରିଖରେ ମଦନ ତାଙ୍କ ସାନ ଭାଇଙ୍କ ବିବାହ ଉତ୍ସବ ପାଇଁ ପିକେ ଢାବାକୁ ରିଜର୍ଭ କରିଥିଲେ। ମଧ୍ୟାହ୍ନରେ ଅତିଥିମାନେ ଖାଉଥିବାବେଳେ ମଙ୍ଗଳପୁର ବଜାରର ଜଣେ ସୁନା ଆଉଟିବା ଭାଟି କରିଥିବା ଜଣେ ଯୁବକ ଛଚିଣା ଗ୍ରାମର ଅନ୍ୟ ଦୁଇ ଯୁବକଙ୍କୁ ଧରି ଢାବାରେ ଖାଇବା ଲାଗି ପହଞ୍ଚିଥିଲେ। ଖାଦ୍ୟ ଦେଇହେବ ନାହିଁ ବୋଲି ଢାବା ମାଲିକ କହିବାରୁ ଉକ୍ତ ୩ ଜଣ ଢାବା ମାଲିକଙ୍କୁ ଗାଳିଗୁଲଜ କରି ଏକ ହାଣ୍ଡି ବିରିଆନିକୁ ଢାଳି ଦେଇଥିଲେ। ମଦନ ପ୍ରତିବାଦ କରିବାରୁ ସମ୍ପୃକ୍ତ ୩ ଗ୍ରାହକ ତାଙ୍କୁ ମାଡ଼ ମାରି ଜାତିଆଣ ଆକ୍ଷେପ କରିବା ସହ ଧମକ ଚମକ ଦେଇଥିଲେ। ଏ ନେଇ ମଦନ ଓ ଢାବା ମାଲିକ ଗତ ୨୯ ତାରିଖ ସନ୍ଧ୍ୟାରେ ଥାନାରେ ଏତଲା କରିଥିଲେ। ଏହାପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ଯୁବକଙ୍କୁ ୩ ଘଣ୍ଟା ଅଟକ ରଖିବା ପରେ ମଙ୍ଗଳପୁର ବଜାରର କେତେଜଣ ସୁନା ବ୍ୟବସାୟୀ ଥାଲକୁଡି ସରପଞ୍ଚଙ୍କୁ ସାଙ୍ଗରେ ନେଇ ଥାନାରେ ପହଞ୍ଚିଥିଲେ। ପୋଲିସକୁ ଘଟଣାର ଆପୋଷ ସମାଧାନ କରାଯିବା ପ୍ରତିଶ୍ରୁତି ଦେଇ ଅଟକ ଯୁବକଙ୍କୁ ସାଙ୍ଗରେ ନେଇ ପଳାଇ ଆସିଥିଲେ। ତେବେ ୧ ତାରିଖ ବଜାର କମିଟି ସଭାପତି ଓ ସମ୍ପାଦକଙ୍କ ସହ କମିଟିର କେତେଜଣ ସଭ୍ୟ ଢାବା ମାଲିକଙ୍କୁ ଆପୋଷ ସମାଧାନ କରିବାକୁ କହିଥିଲେ। ବୈଠକରେ ମଦନଙ୍କୁ କିଛି ପଚରା ନ ଯାଇ କେବଳ ସାଦା କାଗଜରେ ଦସ୍ତଖତ କରିବାକୁ କହିବାରୁ ବିବାଦ ଦେଖାଯାଇଥିଲା। କେତେଜଣ ବ୍ୟବସାୟୀ ମଦନଙ୍କୁ ବୈଠକସ୍ଥଳରେ ଗାଳି ଦେବାସହ ଆପୋଷ ସମାଧାନ ନ କଲେ ବଜାରରେ ତାଙ୍କୁ ଏବଂ ଢାବା ବ୍ୟବସାୟୀଙ୍କୁ ଦୋକାନ କରାଇଦେବେ ନାହିଁ ବୋଲି ଧମକ ଦେଇଥିଲେ। ଏନେଇ ମଦନ ରବିବାର ପୁଣି ଏକ ଏତଲା ଦେଇଛନ୍ତି। ତେବେ ମଦନ ଏବଂ ଢାବା ମାଲିକଙ୍କ ପକ୍ଷରୁ ଦିଆଯାଇଥିବା ଏତଲା ଉପରେ ପୋଲିସ ଗଣ୍ଡଗୋଳକାରୀଙ୍କୁ ଥାନାକୁ ଆଣି ପ୍ରତିପକ୍ଷଙ୍କୁ ନ ପଚାରି ଛାଡିବା ପୋଲିସର ପକ୍ଷପାତିତା ବୋଲି କୁହାଯାଉଛି। ଏ ନେଇ ଏସ୍ଆଇ ହରିଶ ସିଂଙ୍କୁ ପଚାରିବାରେ ମଦନ ଦ୍ୱିତୀୟଥର କରିଥିବା ଏତଲା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଚୋରକୁ ପୋଲିସ ଜିମା ଦେଲେ ଦୋକାନୀ

**ଯାଜପୁର ଟାଉନ,୩।୬(ଡିଏନଏ)**

ଯାଜପୁର ସହର ମେଡିକାଲ ଛକ ନିକଟରେ ଏକ ଦୋକାନରୁ ଚୋରି କରୁଥିବାବେଳେ ପାଖ ଦୋକାନୀ ଚୋରକୁ କାବୁ କରି ପୋଲିସ ଜିମାରେ ଦେଇଛନ୍ତି। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ଦାଣ୍ଡସୁନ୍ଦରପୁର ଗ୍ରାମର ବାମଦେବ ସାହୁ (୫୦) ସୋମବାର ପୂର୍ବାହ୍ନ ୧୧ଟାରେ ମେଡ଼ିକାଲ ଛକ ନିକଟରେ ଥିବା ଦିବାକର ଦାଶଙ୍କ ଆସବାବପତ୍ର ଦୋକାନ ଭିତରକୁ ପଶି ସେଠାରେ ଥିବା ୨ ହଜାର ଟଙ୍କା ଚୋରି କରିନେଇ ପଳାଇ ଯାଉଥିବା ସମୟରେ ପାଖ ଦୋକାନୀ ତାଙ୍କୁ ସନ୍ଦେହରେ ଅଟକାଇ ଥିଲେ। ପରେ ତାଙ୍କ ପାଖରୁ ୫ ହଳ ସୁନା କାନଫୁଲ, ୨ଟି ସୁନା ମୁଦି, ଗୋଟିଏ ନାକ ଫୁଲ, ଗୋଟିଏ ରୁପା ପାଉଁଜି, ଗୋଟିଏ ରୂପା ଚେନ୍, ୩ଟି ମନିପର୍ସ, ୨ହଳ ସୁନା ଶାଙ୍ଖି ସହ ୨ଟି ମୋବାଇଲ ଜବତ କରି ପୋଲିସକୁ ଜିମା ଦେଇଥିଲେ। ସୂଚନା ଥାଉକି, ବାମଦେବ ସାହୁ ଯାଜପୁର ସମେତ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ଅନେକ ସ୍ଥାନରୁ ଚୋରି କରି ପୂର୍ବରୁ ଜେଲ ଯାଇଛନ୍ତି। ତେବେ ଯାଜପୁର ସହରରେ ବିଭିନ୍ନ ସ୍ଥାନରେ ଦୀର୍ଘ କିଛିଦିନ ହେବ ହେଉଥିବା ଚୋରିରେ ତାଙ୍କର ସମ୍ପୃକ୍ତି ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବଜ୍ରପାତରେ ଜଳିଗଲା ୩ ବଖରା

# ସ୍ଥିତି ପରଖିଲେ ତହସିଲଦାର



ତହସିଲଦାର ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

**ରସୁଲପୁର,୩।୬(ଡିଏନଏ)**

ରସୁଲପୁର ତହସିଲ ଅନ୍ତର୍ଗତ ବନ୍ଧଡିହ ପଞ୍ଚାୟତ କିଆବାରୀ ସାହିରେ ରବିବାର ସନ୍ଧ୍ୟାରେ ବଜ୍ରପାତ ହୋଇ ରମେଶ ମଳିକଙ୍କ ୩ବଖରା ଘର ଜଳିଯାଇଛି। ଏଥିସହ ଘରେ ଥିବା ୨ଟି ଛେଳି, ୮ଟି କୁକୁଡା ମରିଯାଇଥିବା କ୍ଷତିଗ୍ରସ୍ତ ପରିବାର ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ସୋମବାର ଅପରାହ୍ନରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ସୁପରଭାଇଜର ମହେଶ୍ୱର ସେଠୀ, ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ୩ଟି ପଲିଥିନ ପ୍ରଦାନ କରିଛନ୍ତି। ଲୁଗାପଟା ଓ ବାସନ୍ଦକୁସନ ପାଇଁ ଅର୍ଥ ପ୍ରଦାନ କରାଯିବ। ବାକି ଘରର କ୍ଷୟକ୍ଷତି ଅର୍ଥ ପରବର୍ତ୍ତୀ ସମୟରେ ପ୍ରଦାନ କରାଯିବା ନେଇ ସୂଚନା ଦେଇଛନ୍ତି। ବଜ୍ରପାତରେ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ଏ ବାବଦରେ କ୍ଷତିଗ୍ରସ୍ତ ପରିବାରକୁ ୯୫ହଜାର ଟଙ୍କା ମିଳିବ ବୋଲି ରାଜସ୍ୱ ନିରୀକ୍ଷକ ବେହେରାଙ୍କଠାରୁ ସୂଚନା ମିଳିଛି।

## ବ୍ୟକ୍ତିଗତ ଜମିରେ ଜବରଦସ୍ତ ବିଦ୍ୟୁତ ଖୁଣ୍ଟ

# ୧୪୪ ଧାରାକୁ ମାନିଲାନି ବିଦ୍ୟୁତ ବିଭାଗ

**ଯାଜପୁର ଅଫିସ,୩।୬**

ଯାଜପୁର ଜିଲା କୋରେଇ ବ୍ଲକ ଖମଣ ପଞ୍ଚାୟତ ଅର୍ନ୍ତଗତ ଖମଣ ମୌଜା ଗୋଡିପାଟଣା ଗ୍ରାମରେ ଜଣଙ୍କ ବ୍ୟକ୍ତିଗତ ସ୍ଥିତିବାନ ଜମିରେ ନେସ୍କୋ ପକ୍ଷରୁ ଜୋର ଜବରଦସ୍ତ ୧୧ କେଭି ବିଦ୍ୟୁତ ଖୁଣ୍ଟ ପୋତା ଯାଇଥିବା ଅଭିଯୋଗ ହୋଇଛି। ଏହି ମର୍ମରେ ଖାତା ନମ୍ବର ୪୭୬ ଓ ପ୍ଲଟ ନମ୍ବର ୫୪୫ର ଜମି ମାଲିକ ରଘୁନାଥ ସାହୁ ଗତ ଡିସେମ୍ବର ୧୯ରେ ଯାଜପୁରରୋଡ ନେସ୍କୋ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତଥାପି ୬ମାସ ହେବ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଅଭିଯୋଗକାରୀ ସାହୁ ଯାଜପୁର ଏସ୍‌ଡିଏମ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏସଡିଏମ କୋର୍ଟ ପକ୍ଷରୁ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଗତ ୧୫।୨।୨୦୧୯ରେ ବିବାଦୀୟ ଜମି ଉପରେ ୧୪୪ ଧାରା ଜାରି କରି ବିଦ୍ୟୁତ ଖୁଣ୍ଟ ନ ପୋତିବାକୁ ନେସ୍କୋ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନେସ୍କୋ କର୍ତ୍ତୃପକ୍ଷ କୋର୍ଟଙ୍କ ଆଦେଶ ନ ମାନି ପୁଣି ସେହି ଜମି ଉପରେ ବିଦ୍ୟୁତ ଖୁଣ୍ଟ ପୋତି ତାର ଟାଣିଛନ୍ତି। ଏବେ ଜମି ମାଲିକ ସାହୁ ଏ ନେଇ ଚିନ୍ତିତ ରହିବା ସହିତ ମାନସିକ ଚାପରେ ରହିଛନ୍ତି। ବର୍ତ୍ତମାନ ସେହି ଜମିରେ ଚାଷ ହେଉଥିବାରୁ ଟ୍ରାକ୍ଟର କିମ୍ବା ହଳ କରିବା ସମ୍ଭବ ହେଉ ନାହିଁ। ଏହାସହ ଭବିଷ୍ୟତରେ ସେହି ଜମି ଉପରେ ଘର ତିଆରି କରିବାକୁ ଯୋଜନା ରଖିଥିବାରୁ ୧୧ କେଭି ବିଦ୍ୟୁତ ତାର ସମସ୍ୟା ସୃଷ୍ଟି କରିବା ନିଶ୍ଚିତ ବୋଲି ସାହୁ ପ୍ରକାଶ କରିଛନ୍ତି।

## ସାବିତ୍ରୀ ଅମାବାସ୍ୟା ପାଇଁ ବିରଜା ମନ୍ଦିରରେ ଭିଡ଼



ବିରଜା ମନ୍ଦିରରେ ମହିଳାମାନେ ଭିଡ଼ ଜମାଇଛନ୍ତି।

**ଯାଜପୁର ଟାଉନ,୩।୬(ଡିଏନଏ)**

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିରରେ ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ପ୍ରାତଃ ସମୟରୁ ମା' ବିରଜାଙ୍କ ସ୍ନାନ ପରେ ମଙ୍ଗଳା ଆଳତୀ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସାବିତ୍ରୀ ଅମାବାସ୍ୟା ପାଇଁ ବିବାହିତା ମହିଳା ପ୍ରାତଃ ସମୟରୁ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଯାଜପୁର ଜିଲା ସମେତ ପଡୋଶୀ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, କେନ୍ଦ୍ରାପଡା ସ୍ଥାନରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପୂଜା ରୀତିନୀତି ଅନୁଯାଇ ମା'ଙ୍କୁ ସାବିତ୍ରୀ ବେଶରେ ସଜ କରାଯାଇ ଭକ୍ତଙ୍କୁ ଦର୍ଶନ କରିବା ପାଇଁ ସୁଯୋଗ ମିଳିଥିଲା। ବର୍ଷରେ ଥରେ ମା' ବିରଜାଙ୍କ ଏହି ଦର୍ଶନ ପାଇଁ ଜିଲା ଏବଂ ଜିଲା ବାହାରୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ପରେ ସନ୍ଧ୍ୟାରେ ମା' ବିରଜା ମନ୍ଦିର ପ୍ରାଙ୍ଗଣରେ ଭଜନ ସନ୍ଧ୍ୟାକୁ ଜିଲାପାଳ ରଞ୍ଜନ କୁମାର ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ ସ୍ଥାନୀୟ କଳାକାରଙ୍କ ସମେତ କଣ୍ଠଶିଳ୍ପୀ ଶ୍ରୀଚରଣ, ତପୁ ମିଶ୍ର, ଅରବିନ୍ଦଙ୍କ ସମେତ ଅନ୍ୟ ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଯୋଗଦେଇଥିଲେ।

# ଉତ୍କଟ ହେଉଛି ପାନୀୟଜଳ ସମସ୍ୟା

**ରତ୍ନଗିରି,୩।୬(ଡି.ଏନ.ଏ.)**

■ପାଣି ପାଇଁ ତହଲବିକଳ ଲୋକେ
■ଛକଗୁଡ଼ିକରେ ଖୋଲାଯାଇନାହିଁ ଜଳଛତ୍ର
■ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ

ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବାବେଳେ ପାନୀୟ ଜଳ ସମସ୍ୟାକୁ ନେଇ ବରୀବାସୀ ଚିନ୍ତାରେ ଅଛନ୍ତି। ବରୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଜନସାଧାରଣ ପାନୀୟ ଜଳ ପାଇଁ ତହଲବିକଳ ହେଉଥିବା ଦେଖିବାକୁ ମିଳିଛି। ବିଗତ ଦିନରେ ଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ବାରମ୍ବାର ପଞ୍ଚାୟତ ସମିତି ବୈଠକରେ ଆଲୋଚନା ହୋଇଛି। ଏଥିସହ ସର୍ବସମ୍ମତିକ୍ରମେ ଗୃହୀତ ହୋଇ ଏହାକୁ ଗୁରୁତ୍ୱ ଦେବାକୁ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ମଧ୍ୟ ଅବଗତ କରାଯାଇଥିଲା। ଚଳିତ ବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ତରଫରୁ ପୂର୍ବାନୁମାନ କରାଯାଇଛି। ହେଲେ ଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ପ୍ରଶାସନ ତରଫରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆ ନ ଯିବାରୁ ସ୍ଥାନୀୟ ଅଞ୍ଚଳରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଛି।

ସୂଚନାଯୋଗ୍ୟ ଏହି ବ୍ଲକ ଅଧୀନ ଚନ୍ଦନପୁର ପଞ୍ଚାୟତରେ ଥିବା ପାନୀୟଜଳ ପ୍ରକଳ୍ପ ଉପଯୋଗୀ ହୋଇଥିବା ଓ ବାଲିବିଲି ପଞ୍ଚାୟତ କୋରାଡାପିପଲ ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପରୁ ଲୋକେ ଆଂଶିକ ଉପକୃତ ହେଉଛନ୍ତି। ହେଲେ ରତ୍ନଗିରି, ଅଲିପୁରୁ, ରମ୍ପା, ଉଦୟନାଥପୁର, ଅମଠପୁର, ମହାକାଳପଡା, ବାଲିଆ, ଧାରପୁର ସମେତ ଅନ୍ୟ ପଞ୍ଚାୟତରେ ଅର୍ଥ ମଞ୍ଜୁର ହୋଇ ପାଇପ ଯୋଗେ ପାନୀୟଜଳ ଯୋଗାଣ ପାଇଁ ଜଳ ଯୋଗାଣ କେନ୍ଦ୍ର ନିର୍ମାଣ ହୋଇଥିଲା। ମାତ୍ର ଏହି ଜଳ ପ୍ରକଳ୍ପଗୁଡିକରୁ ଲୌହଯୁକ୍ତ ପାଣି ବାହାରୁଥିବା ଓ ଏହା ପାନୀୟ ଉପଯୋଗୀ ହୋଇ ନ ଥିବାରୁ ଲୋକେ ନଦୀ, କୂଅ ଓ ଟୁଆ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଏହି ପାଣି ବ୍ୟବହାର କରିବା ଦ୍ୱାରା ଜନସାଧାରଣ ବିଭିନ୍ନ ପ୍ରକାର ପେଟ ରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ବିଶେଷକରି ସରକାରଙ୍କ ତରଫରୁ ଗ୍ରୀଷ୍ମ ଋତୁରେ ପଥଚାରୀଙ୍କ ପାଇଁ ଜଳଛତ୍ର ଖୋଲାଯାଇଥାଏ। କିନ୍ତୁ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଅତ୍ୟନ୍ତ ଅସହ୍ୟ ହୋଇଥିବାବେଳେ ପ୍ରଶାସନ ତରଫରୁ କୌଣସି ସ୍ଥାନରେ ଜଳଛତ୍ର ଖୋଲାଯାଇ ନ ଥିବା ଅଭିଯୋଗ ହୋଇଛି। ଏତଦ୍‌ବ୍ୟତୀତ ନାଳ ଓ ପୋଖରୀଗୁଡିକ ଶୁଖିଯାଇଥିବାରୁ ପଶୁପକ୍ଷୀମାନେ ପାନୀୟ ଜଳ ପାଇ ପାରୁନାହାନ୍ତି। ସରକାରଙ୍କ ଡ୍ରେନେଜ ବିଭାଗ ତରଫରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହି ବ୍ଲକର ବାଲିଆପାଳ ନିକଟ ନାଳ, ବୌଦ୍ଧପୀଠ ନିକଟ କେଲୁଅ ନାଳ, ସେରପୁର ପଞ୍ଚାୟତର ବ୍ରାହ୍ମଣୀ ନଦୀରୁ ଶାରନ୍ଦା ପାଟ ଓ ମହାକାଳପଡା ପଞ୍ଚାୟତ ବିରୂପା ସେତୁକୁ ଲାଗିଥିବା ନାଳଗୁଡିକୁ ଖୋଳାଯାଇଥିଲା। କିନ୍ତୁ ଡ୍ରେନେଜ ବିଭାଗ ଓ ଦାୟିତ୍ୱରେ ଥିବା ଠିକାଦାରଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଫଳରେ ନିମ୍ନମାନର କାର୍ଯ୍ୟ ଯୋଗୁ ଏହା ପୋତି ହୋଇଯାଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଭାସ କୁମାର ବେହୁରାଙ୍କୁ ପଚାରିବାରୁ, ଜଳଛତ୍ର ଖୋଲିବା ପାଇଁ ପଞ୍ଚାୟତକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ମାତ୍ର ବ୍ଲକ ପ୍ରଶାସନ ପ୍ରକୃତ ପକ୍ଷେ ପଞ୍ଚାୟତକୁ ଜଳଛତ୍ର ଖୋଲିବା ପାଇଁ ଅବଗତ କରିଛନ୍ତି କି ନାହିଁ, ସେ ନେଇ ଜିଲା ପ୍ରଶାସନ ତରଫରୁ ତଦନ୍ତର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ୟୁବିଆଇ ଏଟିଏମ୍‌ରୁ ଲୁଟ୍ ଉଦ୍ୟମ, ଭଙ୍ଗାରୁଜା

**ଜଗତ୍‌ସିଂହପୁର ଅଫିସ,୩।୬:** ରବିବାର ରାତିରେ ଦୁର୍ବୃତ୍ତମାନେ ସ୍ଥାନୀୟ ବଡବଜାରସ୍ଥିତ ୟୁନାଇଟେଡ୍ ବ୍ୟାଙ୍କ ଅଫ ଇଣ୍ଡିଆ (ୟୁବିଆଇ) ଏଟିଏମ୍‌ରୁ ଲୁଟ୍ ଉଦ୍ୟମ କରି ବିଫଳ ହୋଇଛନ୍ତି। ହେଲେ ସେମାନେ ଏଟିଏମ୍ ଡିସ୍ପେନ୍ସର, ଲକ୍, ଫ୍ରଣ୍ଟ ଡୋର, ଏସି, ସର୍ଭର ଏବଂ ବ୍ୟାଟେରୀଗୁଡିକ ନଷ୍ଟ କରି ଦେଇଛନ୍ତି। ଟଙ୍କା ନେବା ସମ୍ଭବ ନ ହେବାରୁ ନିରାଶ ହୋଇ ଚାଲି ଯାଇଛନ୍ତି। ଏହା କହିଛନ୍ତି ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର। ଆଇଆଇସି କହିଛନ୍ତି, ବ୍ୟାଙ୍କ ଜଗତ୍‌ସିଂହପୁର ଶାଖା ବରିଷ୍ଠ ପରିଚାଳକ ମହେନ୍ଦ୍ର କୁମାର ସାହୁଙ୍କ ଅଭିଯୋଗ ଉପରେ ପୋଲିସ ଦଫା ୪୫୭/୩୮୦/୫୧୧/୪୨୭ ଆଇପିସିରେ ମାମଲା ସଂଖ୍ୟା ୧୯୭/୧୯ ରୁଜୁ କରିଛି। କିନ୍ତୁ ଅଭିଯୁକ୍ତଙ୍କ ସନ୍ଧାନ କରାଯାଇ ପାରିନାହିଁ। ସାହୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଅପରାଧୀମାନେ ଟଙ୍କା ଲୁଟ୍ ପାଇଁ ଉଦ୍ୟମ କରିଥିଲେ। ବିଫଳ ହେବାରୁ ଉପରୋକ୍ତ ଯନ୍ତ୍ରାଂଶ ଭଙ୍ଗାଭଙ୍ଗି କରିଛନ୍ତି।

### ବାଇକ୍-କାର ଧକ୍କା, ୩ ଆହତ

**ତିର୍ତ୍ତୋଲ,୩।୬(ଡି.ଏନ.ଏ.):** ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ଶାରଳାରୋଡଠାରେ ସୋମବାର ବାଇକ ଓ କାର ମଧ୍ୟରେ ଧକ୍କା ହୋଇଛି। ଏଥିରେ ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ କଟରା ମୂଳୁଗାଁର ଜ୍ୟୋତିରଞ୍ଜନ ଭୋଇ, ଜଗନ୍ନାଥପୁର ହାସିମ ନଗରର ଶ୍ରୀକାନ୍ତ ଦାସ ଓ ଗୁରୁପଦ ଗାଉଁଣିଆ ବୋଲି ଜଣାପଡିଛି। ସେମାନଙ୍କୁ ତିର୍ତ୍ତୋଲ ଦମକଳବାହିନୀ କର୍ମଚାରୀ ଘଟଣାସ୍ଥଳରୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ସମସ୍ତଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

### ମକରଧ୍ୱଜ ପବ୍ଲିକ ସ୍କୁଲ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଏରସମା,୩।୬(ସ୍ୱ.ପ୍ର.):** ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ମକରଧ୍ୱଜ ପବ୍ଲିକ ସ୍କୁଲ ପକ୍ଷରୁ ସୋମବାର ନବ ନିର୍ବାଚିତ ବିଧାୟକ ତଥା ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ତାଙ୍କ ବାଲିକୁଦାସ୍ଥିତ ବାସ ଭବନରେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଶିଳ୍ପ ତାଲିମ କେନ୍ଦ୍ରର ଚେୟାରମ୍ୟାନ ମହେଶ୍ୱର ସ୍ୱାଇଁ, ଶିକ୍ଷକ ବିଶ୍ୱନାଥ ଦାସ, ଅମର କୁମାର ଦାଶ, ଶରତ ଚନ୍ଦ୍ର ସ୍ୱାଇଁ, ହରେକୃଷ୍ଣ ଦଳାଇ ପ୍ରମୁଖ ସାମିଲ ହୋଇଥିଲେ। ମନ୍ତ୍ରୀ ଦାସ ବିଦ୍ୟାଳୟର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ।

### ମାଟିଘର ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର



**ରାହାମା,୩।୬(ଡି.ଏନ.ଏ.):** ରାହାମା ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମାଟିଘର ସାହିତ୍ୟ ସଂସଦ ପକ୍ଷରୁ ଏକ କବିତା ଆସର ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପଦେଷ୍ଟା ବ୍ରଜକିଶୋର ମହାରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାର୍ଗଦର୍ଶକ ଅଧିକାରୀ ରମାକାନ୍ତ ଦାସ ମହାରାଜ, ସମ୍ପାଦକ ବିଷ୍ଣୁ ପ୍ରସାଦ ସେଠୀ, କବୟିତ୍ରୀ ଇନ୍ଦୁପ୍ରଭା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସଂସଦ ପ୍ରତିଷ୍ଠାତା ଝଙ୍କଡଶ୍ରୀ କାଳୀ ପ୍ରସନ୍ନ ପରିଜାଙ୍କ ସ୍ୱର୍ଗାରୋହଣ ଉଦ୍ଦେଶ୍ୟରେ ସଂସଦର ସମସ୍ତ ସଦସ୍ୟାସଦସ୍ୟ ବକ୍ତବ୍ୟ ପ୍ରଦାନ କରିବା ସହିତ ପରିଜାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଆସିଥିବା କବି କାଶୀନାଥ ସାହୁ, ସଂଯୁକ୍ତା ସାହୁ, ସୁଚିତ୍ରା ମହାନ୍ତି, ଧୀରେନ୍ଦ୍ର ବେହେରା, ସୁଶାନ୍ତ ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କାଶୀନାଥ ସାହୁ ଧନ୍ୟବାଦ ଦେଇଥିଲେ।

---

■ ବର୍ଷକରେ ଜମାରାଶି ହେବ ୨ ଗୁଣ

# ଲୋଭ ଦେଖାଇ ୨୦ ଲକ୍ଷ ହଡ଼ପ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ,୩।୬**

■ଥାନାରେ ଏକାଧିକ ଅଭିଯୋଗ
■ପୋଲିସ ତଦନ୍ତ ଜାରି, ଜଣେ ଅଟକ
■ଅଭିଯୋଗକୁ ଖଣ୍ଡନ କଲେ ଅଟକ ବ୍ୟକ୍ତି

ଚିଟ୍‌ଫଣ୍ଡରେ ଜମା କରି ଫସିଥିବା ହଜାର ହଜାର ଲୋକ ନ୍ୟାୟାଳୟ ହସ୍ତକ୍ଷେପ ପରେ ବି ନ୍ୟାୟ ପାଇପାରି ନାହାନ୍ତି। ଏ ସମ୍ପର୍କରେ ବର୍ଷାଧିକ କାଳ ହେବ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇ ଚାଲିଛି। ଏହାସତ୍ତ୍ୱେ ଲୋକେ ସଚେତନ ହେବା ପରିବର୍ତ୍ତେ ପୁଣି ମୋଟା ଅଙ୍କର ଅର୍ଥ ଲୋଭରେ ଫସୁଛନ୍ତି। ଯାହାର ଜ୍ୱଳନ୍ତ ପ୍ରମାଣ ଦେଖିବାକୁ ମିଳିଛି ଜଗତ୍‌ସିଂହପୁର ଜିଲାରେ। ଚିଟ୍‌ଫଣ୍ଡ ହୋଇ ନ ଥିଲେ ସୁଦ୍ଧା ରିଲାଇଟ୍ ଟ୍ରେଡ୍ ଷ୍ଟୋର ନାମକ ସଂସ୍ଥା ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଅର୍ଥ ହଡପ୍ କରୁଥିବା ଅଭିଯୋଗ ହୋଇଛି। କେହି ଏହି ସଂସ୍ଥା ଆକାଉଣ୍ଟରେ ସର୍ବନିମ୍ନ ୨,୩୬୦ ଟଙ୍କା ଜମା କଲେ ୧୧ ମାସରେ ତାଙ୍କୁ ୪,୫୦୦ ଟଙ୍କା ମିଳିବାର ଲୋଭ ଦେଖାଯାଇ ଶତାଧିକ ଲୋକଙ୍କଠାରୁ ଅର୍ଥ ହଡପ୍ କରାଯାଇଛି। ଟଙ୍କା ନ ପାଇ ଲୋକେ ଚିନ୍ତାରେ ଥିବା ବେଳେ ଏହି ସଂସ୍ଥାରେ ଜମା ପାଇଁ ପ୍ରବର୍ତ୍ତାଇଥିବା ଜନୈକ ବ୍ୟକ୍ତିଙ୍କୁ ଜମାକାରୀ କାବୁ କରି ପୋଲିସ ଜିମା ଦେଇଛନ୍ତି। ଜଗତ୍‌ସିଂହପୁର ପୋଲିସ ଏକାଧିକ ଜମାକାରୀଙ୍କ ଅଭିଯୋଗ ଗ୍ରହଣ କରିବା ସହ ଅଭିଯୁକ୍ତ ନିହାର ରଞ୍ଜନ ମହାନ୍ତିଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ଖବର ଲେଖାହେବା ପର୍ଯ୍ୟନ୍ତ ମାମଲା ରୁଜୁ କରାଯାଇନାହିଁ ବୋଲି ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି।

ଥାନାରେ ଅଭିଯୋଗ କରିଥିବା ବାଲିକୁଦା ଥାନା ଗୋପର ସୁଧୀର କୁମାର ମଲ୍ଲିକ ଦର୍ଶାଇଛନ୍ତି, ରିଲାଇଟ୍ ଟ୍ରେଡ୍ ଷ୍ଟୋର ନାମରେ ଜମା କରିବା ବାହାନା ନେଇ ନିହାର ରଞ୍ଜନ ମହାନ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରୁ ୨୦ ଲକ୍ଷ ଟଙ୍କା ନେଇଛନ୍ତି। ୧ ବର୍ଷ ଭିତରେ ଜମାରାଶିର ଦ୍ୱିଗୁଣିତ ଅର୍ଥ ମିଳିବା ଲୋଭ ଦେଖାଇ ସେ ଏହି ରାଶି ହଡପ କରିଛନ୍ତି। ସେହିପରି ସ୍ଥାନୀୟ ଚାଟରାର ପ୍ରତାପ ଦାସ ଦର୍ଶାଇଛନ୍ତି, ଏରସମା ଥାନା ଅନ୍ତର୍ଗତ ପଞ୍ଛୁପଲ୍ଲୀ ଅଞ୍ଚଳର ମହାନ୍ତିଙ୍କ ଘର। ସେ ତାଙ୍କଠାରୁ ୯ ଲକ୍ଷ ଟଙ୍କା ନେଇଛନ୍ତି। ଯେହେତୁ ସେ ଆର୍ଥିକ ସ୍ତରରେ ଦୁର୍ବଳ ତେଣୁ ଏହି ଟଙ୍କା ଅନ୍ୟ ଲୋକଙ୍କଠାରୁ ଆଣି ଦେଇଥିଲେ। ଏବେ ଲୋକେ ଲାଭ ତ ଦୂରର କଥା ମୂଳଧନ ନ ପାଇବାରୁ ତାଙ୍କୁ ଗାଳି କରୁଛନ୍ତି। ରବିବାର ମହାନ୍ତି ପାଟେଣୀଗାଁ ଜଗନ୍ନାଥ ମନ୍ଦିରରେ ଅନ୍ୟ ଏକ ସଂସ୍ଥାର ବୈଠକ କରୁଥିବା ଖବର ପାଇ ସେମାନେ ସେଠାରେ ପହଞ୍ଚିଥିଲେ। ଟଙ୍କା ଫେରାଇବାକୁ ଦାବି କରିବାରୁ ମହାନ୍ତି ସେମାନଙ୍କୁ ଗାଳିଗୁଲଜ ସହ ସେଠାରୁ ଖସିଯିବାକୁ ଉଦ୍ୟମ କରିଥିଲେ। ତେବେ ସେମାନେ ଜଗତ୍‌ସିଂହପୁର ଥାନାକୁ ଫୋନ କରିବାରୁ ପୋଲିସ ପହଞ୍ଚି ମହାନ୍ତିଙ୍କୁ ପିସିଆର୍ ଭ୍ୟାନରେ ନେଇ ଯାଇଥିଲା। ଚାଟରାର ରାଜେନ୍ଦ୍ର ବିଶୋଇ ମଧ୍ୟ ମହାନ୍ତିଙ୍କ ନାମରେ ଅର୍ଥ ହଡପ ଅଭିଯୋଗ ଆଣିଛନ୍ତି। ପାଣିଶାଳିଆର ଶ୍ରୀଧର ସ୍ୱାଇଁ ଅଭିଯୋଗରେ ଦର୍ଶାଇଛନ୍ତି ମହାନ୍ତି ରିଲାଇଟ୍ ଟ୍ରେଡ୍ ଷ୍ଟୋରର ଏମ୍‌ଡି ବୋଲି ସେମାନେ ଜାଣନ୍ତି। ମହାନ୍ତି ତାଙ୍କଠାରୁ ୪୮,୦୦୦ ଟଙ୍କା ନେଇଥିଲେ ସୁଦ୍ଧା କୌଣସି ରସିଦ ଦେଇନାହାନ୍ତି। ଏବେ ଆଉ ଲାଭ ତ ଦୂରର କଥା ମୂଳଧନ ମଧ୍ୟ ଫେରାଉ ନାହାନ୍ତି। ରାହାଡି ଗୋପାଳପୁରର ଅଜୟ ଲେଙ୍କା ମଧ୍ୟ ମହାନ୍ତିଙ୍କ ନାମରେ ସମାନ ଅର୍ଥ ହଡପ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ଅଭିଯୁକ୍ତ ମହାନ୍ତି କହିଛନ୍ତି, ସେ ରିଲାଇଟ୍ ଟ୍ରେଡ୍ ଷ୍ଟୋରର ଏମ୍‌ଡି ନୁହନ୍ତି। ଯେଉଁମାନେ ଏହି ସଂସ୍ଥା ଆକାଉଣ୍ଟରେ ଟଙ୍କା ଜମା କରିବେ ରିଲାଇଟ୍‌ର ସାମଗ୍ରୀ କ୍ରୟ କରିପାରିବେ। ଏଥିସହ ସେ ୨ ଜଣ ଲୋକଙ୍କୁ ତାଙ୍କ ଡାଉନ ଲାଇନ୍‌ରେ ରଖିଲେ ୧୦% ସୁଧ ପାଇପାରିବେ। ଏହିଭଳି ଚେନ୍ ବଢି ଚାଲିଲେ ଲାଭ ଅଂଶ ମଧ୍ୟ ବଢେ। ତେଣୁ ଅଭିଯୋଗକାରୀ ତାଙ୍କ ଉପରେ କରୁଥିବା ଅଭିଯୋଗ ଭିତ୍ତିହୀନ। ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇ କହିଛନ୍ତି, ବାସ୍ତବରେ ଏହା ଏକ ଚିଟ୍‌ଫଣ୍ଡ ସଂସ୍ଥା ନୁହେଁ। ରିଲାଇଟ୍ ଟ୍ରେଡ୍ ଷ୍ଟୋର ଆକାଉଣ୍ଟରେ କେହି ସର୍ବନିମ୍ନ ରାଶି ଜମା କଲେ ଏହାର ସାମଗ୍ରୀ ମିଳେ। ଏଥିସହ ବ୍ୟକ୍ତିଙ୍କୁ ଚେନ୍ ପ୍ରକ୍ରିୟାରେ ସାମିଲ କରି ଦିଆଯାଏ। ତାଙ୍କୁ କୋଡ୍ ନମ୍ବର ମିଳିଯାଏ। ଏହି କୋଡ୍ ନମ୍ବର ତଳକୁ ଯେଉଁମାନେ ରୁହନ୍ତି ଅନୁରୂପ ପ୍ରକ୍ରିୟାରେ ସେମାନଙ୍କୁ ଯୋଡି ଦିଆଯାଏ ଏବଂ ସେମାନଙ୍କଠାରୁ ଜମାରାଶିର ୧୦% ମିଳିବା ବ୍ୟବସ୍ଥା ରହିଛି। ଏହି ଅନୁଯାୟୀ ଅଭିଯୋଗକାରୀ ଜମା କରିଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି। କିନ୍ତୁ କେଉଁଭଳି ଭାବରେ ଠକେଇ ହୋଇଛି ତା ଉପରେ ଅଧିକ ଅନୁଧ୍ୟାନ ପରେ ଜଣାପଡିବ।

## ରାଶନ କାର୍ଡ ଦାବିରେ ଧାରଣା

**ରଘୁନାଥପୁର,୩।୬(ଡି.ଏନ୍.ଏ.)**



ଧାରଣାରେ ବସିଥିବା ପ୍ରଭଞ୍ଜନ।

ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତ କୋଟକଣା ଗ୍ରାମର ପ୍ରଭଞ୍ଜନ ବିଶ୍ୱାଳ ରାଶନ କାର୍ଡ ପାଇବା ଦାବି ନେଇ ସୋମବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଗତ ମେ ୯ରେ ପ୍ରଭଞ୍ଜନଙ୍କ ସ୍ତ୍ରୀ ସାଗରିକା ରାଶନ କାର୍ଡ ପାଇଁ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଡିଓ ରଘୁନାଥପୁର ଓ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଡାକ ଯୋଗେ ଲିଖିତ ଅଭିଯୋଗ କରିଥିଲେ। କାର୍ଡ ପ୍ରଦାନ କରା ନ ଗଲେ ସ୍ୱାମୀ ପ୍ରଭଞ୍ଜନ ଧାରଣା ଦେବେ ବୋଲି ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଦମ୍ପତିଙ୍କ ଅଭିଯୋଗ ଯେ, ଥିଲାବାଲାଙ୍କୁ ଯୋଜନାରେ ସାମିଲ କରି କାର୍ଡ ପ୍ରଦାନ କରୁଥିବାବେଳେ ଯୋଗ୍ୟ ହିତାଧିକାରୀ ନିରାଶ ହେଉଛନ୍ତି। ତଦନ୍ତ କରିବାକୁ ଆସୁଥିବା ଅଧିକାରୀ ଚଞ୍ଚକତା କରି ଧନୀଶ୍ରେଣୀର ଲୋକଙ୍କୁ ହିଁ ଯୋଜନାରେ ସାମିଲ କରୁଛନ୍ତି। ଉକ୍ତ ପଞ୍ଚାୟତରେ ୧୫ରୁ ଅଧିକ ଯୋଗ୍ୟବ୍ୟକ୍ତି ରାଶନ କାର୍ଡ ପାଇବାକୁ ହକଦାର ଥିବାବେଳେ ମାତ୍ର ଅଳ୍ପ କେତେଜଣଙ୍କୁ ତାହା ମିଳିଛି। ଏହାର ନକଲ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବାର ପ୍ରଭଞ୍ଜନ ପ୍ରକାଶ କରିଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ଭଗବାନ ନାୟକ ରାଶନ କାର୍ଡ ସାଇଟ ଖୋଲିଲେ କାର୍ଡ ପ୍ରଦାନ କରାଯିବାର ପ୍ରତିଶ୍ରୁତି ରଖିଥିଲେ ମଧ୍ୟ ପ୍ରଭଞ୍ଜନ ଏହାକୁ ମାନି ନାହାନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗଣ ବିଭାଗର ମାର୍କେଟିଂ ଇନସ୍ପେକ୍ଟର ମୋଇିରାମ ଦାସ କୁହନ୍ତି, ଉକ୍ତ ଗ୍ରାମକୁ ଯାଇଥିବା ଟିମ ତଦନ୍ତ ତାଲିକାରେ ପ୍ରଭଞ୍ଜନଙ୍କ କୋଠାଘର ଥିବା ଦର୍ଶାଇଛନ୍ତି। ଏଥିଯୋଗୁ ତାଙ୍କ କାର୍ଡ ଦିଆଯାଇନାହିଁ। କାର୍ଡ ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ ପ୍ରଭଞ୍ଜନ ଧାରଣାରେ ବସିବେ ବୋଲି ଜିଦ ଧରିଥିବାବେଳେ, ଏମଆଇଙ୍କ ମନ୍ତବ୍ୟ ସ୍ଥିତିକୁ ଜଟିଳ କରିଛି।

### ସାଇକେଲ ଆରୋହୀ ଗୁରୁତର

**ବାଲିଆ,୩।୬**

ସୋମବାର ସକାଳେ ବିରିଡି ଛକରେ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ବିରିଡି ବ୍ଲକ ବାରେଡିଆ ପଞ୍ଚାୟତ ନଇଁଲୋ ଗ୍ରାମର ହରେକୃଷ୍ଣ ଦାସ(୫୯)। ହରେକୃଷ୍ଣ ରାସ୍ତା ପାର ହେଉଥିବା ସମୟରେ ଜଗତ୍‌ସିଂହପୁର ଆଡୁ ବାଇକରେ ଆସୁଥିବା ୨ ଯୁବକ ତାଙ୍କୁ ଧକ୍କା ଦେଇଥିଲେ। ବାଇକ ଆରୋହୀଙ୍କ କୌଣସି କ୍ଷତି ହୋଇ ନ ଥିବା ବେଳେ ହରେକୃଷ୍ଣଙ୍କ ମୁଣ୍ଡ ଓ ଆଖିରେ ଆଘାତ ଲାଗିଥିଲା। ତାଙ୍କୁ ସ୍ଥାନୀୟ ଯୁବକ ବିଜୟ ରାଉତ, ବାପି କର ଓ ପୋଡା ଭୋଇ ଉଦ୍ଧାର କରି ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ଯୁବକମାନେ ତାଙ୍କ ପରିବାରକୁ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଛି।

---

ସ୍ତ୍ରୀଙ୍କ ଅସୁସ୍ଥ ସମୟରେ ଆମ୍ବୁଲାନ୍ସ ପାଇ ନ ଥିଲେ ଗଗନ

## ଏବେ ନିଜସ୍ୱ ଉଦ୍ୟମରେ ଯୋଗାଉଛନ୍ତି ସେବା






ଅବସରପ୍ରାପ୍ତ କର୍ମଚାରୀ ଗଗନ ବିହାରୀ ପୃଷ୍ଟି। ଲୋକଙ୍କ ସେବାରେ ଲାଗିଥିବା ଆମ୍ବୁଲାନ୍ସ।

**ପାରାଦୀପ,୩।୬(ସ୍ୱ.ପ୍ର.)**

କୁହାଯାଏ ସ୍ୱାମୀସ୍ତ୍ରୀଙ୍କ ବୟସ ଯେତିକି ବଢ଼େ ସେହି ଅନୁପାତରେ ସେମାନଙ୍କ ଭଲ ପାଇବା, ତ୍ୟାଗ, ସେତିକି ମାତ୍ରାରେ ବଢ଼ିଥାଏ। ଯାହା ଦେଖିବାକୁ ମିଳିଛି ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ। ତାଙ୍କ ସ୍ତ୍ରୀଙ୍କ ଅସୁସ୍ଥ ସମୟରେ ଆମ୍ବୁଲାନ୍ସ ପାଇ ନ ଥିଲେ। ଏଥିଯୋଗୁ ତାଙ୍କ ସ୍ତ୍ରୀଙ୍କ ଚିକିତ୍ସାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହାକୁ ନଜରରେ ରଖି ଯେପିରି ଅନ୍ୟମାନେ ଏଭଳି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିଲାଗି ସେ ନିଜସ୍ୱ ଉଦ୍ୟମରେ ଏକ ଆମ୍ବୁଲାନ୍ସ ବାହାର କରି ଲୋକଙ୍କ ସେବାରେ ଲଗାଇଛନ୍ତି। ପ୍ରାୟ ୨ ବର୍ଷ ହେବ ସେ ଲୋକଙ୍କୁ ଏହି ସେବା ମାଗଣାରେ ଯୋଗାଇ ଦେଉଛନ୍ତି। ଏଥିରେ ସେ ଅନେକ ଆତ୍ମତୃପ୍ତି ପାଉଥିବା କହିଛନ୍ତି।

ସେ ହେଲେ ତିର୍ତ୍ତୋଲ ବ୍ଲକ ସିରିସ୍ତା ଗ୍ରାମର ଇଂ. ଗଗନ ବିହାରୀ ପୃଷ୍ଟି। ଗଗନଙ୍କ ସ୍ତ୍ରୀ ସାଇମିନାଖିଙ୍କର ୨୦୦୪ରେ ହଠାତ୍ ଦେହ ଅସୁସ୍ଥ ହୋଇଥିଲା। ତାଙ୍କୁ ତତ୍କାଳ ଉଚ୍ଚ ଚିକିତ୍ସା ନିମନ୍ତେ ଦୂର ମେଡିକାଲନେବାକୁ ଆମ୍ବୁଲାନ୍ସ ଖୋଜିଥିଲେ। ଦୀର୍ଘସମୟ ଧରି ଚେଷ୍ଟା କରିବା ସତ୍ତ୍ୱେ ଆମ୍ବୁଲାନ୍ସ ନ ମିଳିବାରୁ ବାଧ ହୋଇ ସେ ଏକ କାର୍‌ରେ ତାଙ୍କ ସ୍ତ୍ରୀଙ୍କୁ ପାରାଦୀପରୁ କଟକ ନେଇଥିଲେ। ଦୁଇବର୍ଷ କାଳ ଜରାବ୍ୟାଧିରେ ଚିକିତ୍ସା ହେବା ସତ୍ତ୍ୱେ ସାଇମିନାକ୍ଷୀଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଇଂ. ପୃଷ୍ଟି ପାରାଦୀପରେ ଆମ୍ବୁଲାନ୍ସର ସମ୍ପର୍କରେ ବୁଝିବା ସହ ସେ ଏକ ଆମ୍ବୁଲାନ୍ସ କିଣିଛନ୍ତି। ଯେଉଁ ଗରୀବ ଲୋକମାନେ ତତ୍କାଳ ଆମ୍ବୁଲାନ୍ସ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ସେମାନଙ୍କୁ ପୃଷ୍ଟିଙ୍କ ଆମ୍ବୁଲାନ୍ସ ନିଃଶୁଳ୍କ ଭାବେ ସେବା ଯୋଗାଉଛି। ପୃଷ୍ଟି ପାରାଦୀପ ବନ୍ଦର ନିର୍ବାହୀ ଯନ୍ତ୍ରୀ ଭାବେ କାମ କରି ୨୦୦୨ ଫେବୃୟାରୀରୁ ଅବସର ନେଇ ସାରିଛନ୍ତି। ୪ ପୁଅ ଓ ଗୋଟିଏ ଝିଅ ଥିବା ସତ୍ତ୍ୱେ ପୃଷ୍ଟି ସାମାଜିକ କାମରେ ସେବେଠାରୁ ନିୟୋଜିତ ଅଛନ୍ତି।

ଏଥିସହିତ ସତ୍ୟସାଇ ସେବା ଅନୁଷ୍ଠାନ ପ୍ରତିଷ୍ଠାତା ସଦସ୍ୟ ଭାବେ ରାହାମା ତିର୍ତ୍ତୋଲ ଅଞ୍ଚଳରେ ବିଭିନ୍ନ ସାମାଜିକ କାମ ସହ ଜଡ଼ିତ ଅଛନ୍ତି। କେତେକ ସ୍କୁଲ ମଧ୍ୟ କରିଛନ୍ତି। ତାଙ୍କର ସେହି ଆମ୍ବୁଲାନ୍ସ ଉପଯୁକ୍ତ ପରିଚାଳନା ପାଇଁ ସେ ପାରାଦୀପ ଅଠରବାଙ୍କୀର ସ୍ୱେଚ୍ଛାସେବୀ ସଂଗଠନର 'ଭରଷା'କୁ ଦେଇଛନ୍ତି। ଉକ୍ତ ସଂଗଠନ ପ୍ରାୟତଃ ରାସ୍ତାରେ ଅଜଣାବ୍ୟକ୍ତିଙ୍କ ଦୁର୍ଘଟଣା ସମୟରେ ସହାୟତା କରନ୍ତି ଏବଂ ବିଭିନ୍ନ ଦୁରାରୋଗରେ ଥିବା ମାନସିକ ବିକାରଗ୍ରସ୍ତଙ୍କ ଚିକିତ୍ସା କରୁଛନ୍ତି। ସେହି ଅନୁଷ୍ଠାନ ବିଜୁ ପଟ୍ଟନାୟକ ମେମୋରିଆଲ ହସ୍‌ପିଟାଲ ପାଖରେ କାମକରିଥାଏ। କୌଣସି ଅସହାୟ ଗୁରୁତର ରୋଗୀ କଟକ ଯିବାକୁ ଚାହାଁନ୍ତି ସେତେବେଳେ ପୃଷ୍ଟିଙ୍କ ଆମ୍ବୁଲାନ୍ସ ସେବା ଯୋଗାଇଥାଏ ବୋଲି ଭରଷା ଅନୁଷ୍ଠାନର ବାମଦେବ ସାହୁ କହିଛନ୍ତି।

---

■ ବିଦ୍ୟୁତ୍ ଆଘାତରେ ଦୁଇ ଗାଈ ମୃତ

## କ୍ଷତିପୂରଣ ଦାବିରେ ଗ୍ରାମରେ ଉତ୍ତେଜନା

**ବାଲିକୁଦା,୩।୬(ସ୍ୱ.ପ୍ର.)**

ବିଦ୍ୟୁତ୍ ଆଘାତରେ ସୋମବାର ଦୁଇ ଗାଈଙ୍କ ମୃତ୍ୟୁ ହୋଇଛି। ଏହାପରେ ସମ୍ପୃକ୍ତ ଗାଈ ମାଲିକଙ୍କୁ କ୍ଷତିପୂରଣ ଦାବିରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାଲିକୁଦା ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଦେବଦତ୍ତ ଉପାଧ୍ୟାୟ ପହଞ୍ଚି କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିଥିଲେ। ଏହାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନା ଯେ, ଜଇତଳଙ୍ଗ ଦେଇ ଅରିଲୋର ସୁଆଲୋକୁ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଗାଈ ଆସିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ବାତ୍ୟା ସମୟରେ ଭାଙ୍ଗି ପଡିଥିବା ଓ ନଇଁ ଯାଇଥିବା ବିଦ୍ୟୁତ୍ ଖୁଣ୍ଟରେ ବିଦ୍ୟୁତ୍ ପ୍ରବାହ ବନ୍ଦ ରହିଥିଲା। ସେହି ସ୍ଥାନରେ କେବୁଲ ଟଣାଯାଇ ବିଦ୍ୟୁତ୍ ଯୋଗାଣ ହେଉଥିଲା। ରବିବାର ପବନ ବହିବାରୁ ବିଦ୍ୟୁତ୍ ପ୍ରବାହ ବନ୍ଦ ରହିଥିବା ତାର କୌଣସି ପ୍ରକାରେ ଖୁଣ୍ଟର ଉପର ଦେଇ ଯାଇଥିବା କେବୁଲ ସଂଯୋଗରେ ଆସିଯାଇଥିଲା। ଫଳରେ ତଳେ ଝୁଲି ପଡିଥିବା ତାରରେ ବିଦ୍ୟୁତ ପ୍ରବାହିତ ହୋଇଥିଲା। ସକାଳେ ଅରିଲୋ ଗାଁର କୃଷ୍ଣଚନ୍ଦ୍ର ମଲ୍ଲିକ ଓ କ୍ଷୀରୋଦ ମଲ୍ଲିକଙ୍କ ଗୋଟିଏ ଲେଖାଏଁ ଗର୍ଭବତୀ ଗାଈ ସେହି ବିଲକୁ ଚରିବାକୁ ଆସିଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ଉଭୟଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ସେସୁ କର୍ମଚାରୀ ଦିଲୀପ ଜେନା ଓ ଏନ୍‌ଜେନ୍ କର୍ମଚାରୀ ବାବୁଲି ଦାସ ଗାଈ ମାଲିକଙ୍କୁ ବୁଝା ସୁଝା କରିଥିଲେ। ପ୍ରଥମେ ସେମାନେ ବୁଝି ଯାଇଥିଲେ ମଧ୍ୟ ପରେ ଏତଲା ଦେବାକୁ ଯାଇଥିଲେ। ଜେନା ଏକଥା ଜାଣିବା ପରେ ଏସଡିଓ ଉପାଧ୍ୟାୟଙ୍କ ନିକଟକୁ ନେଇ କ୍ଷତିପୂରଣ ବ୍ୟବସ୍ଥା କରିଥିଲେ।

---

## ଏପଟେ ପରିବେଶ ଦିବସ ପ୍ରସ୍ତୁତି, ସେପଟେ ଚାଲିଛି ଗଛକଟା

**ପାରାଦୀପ,୩।୬(ସ୍ୱ.ପ୍ର.)**

ଆସନ୍ତା ୫ରେ ବିଶ୍ୱ ପରିବେଶ ଦିବସ ପାଳିତ ହେବ। ଏହାକୁ ପାଳନ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି। ଚଳିତ ବର୍ଷ ମୁଖ୍ୟବାର୍ତ୍ତା ରହିଛି ବାୟୁ ପ୍ରଦୂଷଣ। ବିଶ୍ୱରେ କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତେ ଗଛ ଲଗାଇବା ପାଇଁ କହୁଛନ୍ତି। ଗତ ଶନିବାର କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ଅବସରରେ କହିଛନ୍ତି, ଆଗାମୀ ୩ ବର୍ଷରେ ୧୨୫ କୋଟି ଗଛ ଲଗାଯିବ। ଗଣମାଧ୍ୟମରେ ଏସବୁ ବୟାନବାଜି ଚାଲିଥିବାବେଳେ ବାସ୍ତବ କ୍ଷେତ୍ରରେ ତାର ବିପରୀତ ବ୍ୟବସ୍ଥା ଦେଖିବାକୁ ମିଳୁଛି। ଅର୍ଥାତ୍ ପାରାଦୀପର ମହାନଦୀ ମୁହାଣ ସଂଲଗ୍ନ କାଉଡିଆ ନଦୀ ପାର୍ଶ୍ୱରେ ଥିବା ସଂରକ୍ଷିତ ହେନ୍ତାଳ ବଣକୁ ଜୀବନ୍ତ ଭାବେ ପୋଡାଯାଇ ସେହି ସ୍ଥାନରେ ସମ୍ପ୍ରସାରଣ କାମ ଚାଲିଛି।

ଏତଦ୍‌ଭିନ୍ନ ମହାନଦୀର ଭୂତମୁଣ୍ଡାଇ ପୋଲଠାରୁ ମୂଷାଡିଆ ପର୍ଯ୍ୟନ୍ତ ଥିବା ନଦୀ ବନ୍ଧ ରାସ୍ତାରେ ଥିବା ବଡ଼ବଡ଼ ଗଛକୁ କେତେକ ମୁଷ୍ଟିମେୟ ଲୋକ କାଟି ନେବାରେ ଲାଗିଛନ୍ତି। ଶନିବାର ରାତିଠାରୁ ବୂନବେଲାରୀ ଗ୍ରାମ ସଂଲଗ୍ନ ନଦୀବନ୍ଧ ରାସ୍ତାରେ ଏପରି ଗଛ କଟା ଚାଲିଛି। ଉକ୍ତ ଗଛକୁ ମତ୍ସ୍ୟବିଭାଗ ଓ ଜଳସମ୍ପଦ ବିଭାଗ ପକ୍ଷରୁ ଦୀର୍ଘ ବର୍ଷ ତଳେ ଲଗାଯାଇଥିଲା। ଚାଖୁଣ୍ଡା, ଆକାଶିଆ, ବିଲାତି କଅଁ ଭଳି ବୃହତ୍ ଗଛ କାଠକୁ ଲୁଟେରା କାଟି ନେଉଥିବା ବୂନ ବେଲାରୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ରେଞ୍ଜର ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, ସେ ଯାଇ ଗଛକଟା ଅଞ୍ଚଳ ଦେଖିବେ ଏବଂ ଗଛକାଟି ଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତେବେ କୁଜଙ୍ଗ ଅଞ୍ଚଳରେ ମାଙ୍କଡ଼ଙ୍କ ଦୌରାତ୍ମ୍ୟ ବଢୁଥିବାରୁ ତାଙ୍କୁ ଘଉଡାଇବା କାମରେ ବନ ବିଭାଗର କର୍ମଚାରୀ ନିୟୋଜିତ ହେଉଛନ୍ତି। ସେଥିପାଇଁ ଅନ୍ୟ ଅଞ୍ଚଳ ପ୍ରତି ଧ୍ୟାନ ଦେଇ ପାରୁନାହାନ୍ତି ବୋଲି କହିଥିଲେ।

---

## ବିବାହ ଭୋଜିରେ ହେଲ୍‌ମେଟ୍ ଉପହାର

**ନାଉଗାଁ,୩।୬(ସ୍ୱ.ପ୍ର)**

ବିବାହ ଭୋଜିରେ ଶୁଭେଚ୍ଛୁମାନେ ଯୋଗଦେଇ ନବ ଦମ୍ପତିଙ୍କୁ ବିଭିନ୍ନ ପ୍ରକାର ନାମୀଦାମୀ ଉପହାର ପ୍ରଦାନ କରନ୍ତି। କିନ୍ତୁ ନାଉଗାଁ ବ୍ଲକ ଗୋଠଦା ଗ୍ରାମର ଆଇନଜୀବୀ ସୁରେଶ ଦାସ ଏକ ବିବାହ ଭୋଜିରେ ଯୋଗଦେଇ ଉପହାର ସ୍ୱରୂପ ହେଲମେଟ ପ୍ରଦାନ କରିଛନ୍ତି। ଏପରି କି ସେ ଯେଉଁ ସ୍ଥାନରେ ଭୋଜିରେ ଯୋଗ ଦିଅନ୍ତି ସାଥୀରେ ନବ ଦମ୍ପତିଙ୍କ ପାଇଁ ହେଲମେଟ ନେଇଥାନ୍ତି ବୋଲି କହିଛନ୍ତି। ସେ କେବଳ ହେଲମେଟ ପ୍ରଦାନ କରନ୍ତି ନାହିଁ, ଦ୍ରୁତ ଗତିରେ ଗାଡି ନ ଚଳାଇବା, ଟ୍ରାଫିକ ନିୟମ ମାନିବା, ଗାଡି ଚାଳନା ବେଳେ ମୋବାଇଲରେ କଥା ନ ହେବା ଆଦି ବିଭିନ୍ନ ସଚେତନ ମୂଳକ ବାର୍ତ୍ତା ମଧ୍ୟ ଦେଇଥାନ୍ତି। ସୁରେଶଙ୍କ ଏହି କାର୍ଯ୍ୟ ପାଇଁ ନାଉଗାଁ ବ୍ଲକର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅଧ୍ୟାପକ ହୃଦାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ ପ୍ରଶାନ୍ତ କୁମାର ସ୍ୱାଇଁ, ଘନଶ୍ୟାମ ହେମଲତା ବିଦ୍ୟାଳୟର ପାର୍ଥସାରଥୀ ରାଉତ ତାଙ୍କୁ ପ୍ରଶଂସା କରିଛନ୍ତି। ବେପରୁଆ ଗାଡି ଚାଳନା, ହେଲମେଟ ବ୍ୟବହାର ନ କରିବା ଦ୍ୱାରା ଅନେକ ସମୟରେ ଅକାଳରେ ଜୀବନହାନୀ ଘଟୁଛି। ତେଣୁ ନିଜ ଜୀବନକୁ ସୁରକ୍ଷିତ ରଖିବା ସହିତ ସମସ୍ତଙ୍କୁ ହେଲମେଟ ବ୍ୟବହାର କରିବା ଲକ୍ଷ୍ୟ ନେଇ ସୁରେଶ ଏପରି କାର୍ଯ୍ୟ କରୁଥିବା ପ୍ରକାଶ କରିଛନ୍ତି।



ନବଦମ୍ପତିଙ୍କୁ ହେଲମେଟ୍ ଉପହାର ପ୍ରଦାନ କରାଯାଉଛି।

---

■ ମହାନଦୀ, ପାଇକାରେ ନିର୍ମାଣ ହେଲାନି ଖରାଦିନିଆ ରାସ୍ତା

## ସରକାରୀ ତହବିଲରେ ରହିଲା ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା

**ତିର୍ତ୍ତୋଲ,୩।୬(ଡି.ଏନ.ଏ.)**



ଖରାଦିନିଆ ରାସ୍ତା ନ ଥିବାରୁ ଲୋକେ ପାଣିରେ ପଶି ଯାତାୟାତ କରୁଛନ୍ତି।

■ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଲେ ଲୋକେ
■ପ୍ରଶାସନିକ ଅବହେଳା ଯୋଗୁ ଏପରି ହେଲା

ତିର୍ତ୍ତୋଲ ଆରଡି ଉପଖଣ୍ଡ କାର୍ଯ୍ୟାଳୟ ଅଧୀନରେ ଥିବା ମହାନଦୀ ଓ ପାଇକା ନଦୀରେ ପ୍ରତିବର୍ଷ ଦୁଇଟି ଖରାଦିନିଆ ରାସ୍ତା ନିର୍ମାଣ ହୋଇଥାଏ। ଏହି ୨ଟି ରାସ୍ତା ପାଇଁ ବିଭାଗ ପକ୍ଷରୁ ପ୍ରାୟ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଥାଏ। ଚଳିତ ବର୍ଷ କେତେକ କାରଣକୁ ନେଇ ଏହି ଦୁଇଟି ରାସ୍ତା ନିର୍ମାଣ କରିବା ସମ୍ଭବ ହେଲାନାହିଁ। ଫଳରେ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖିନ ହୋଇଥିବା ବେଳେ ସରକାରଙ୍କ ତହବିଲରେ ଏହି ଅର୍ଥ ଖର୍ଚ୍ଚ ନ ହୋଇ ରହିଗଲା। ମହାନଦୀର ତିର୍ତ୍ତୋଲ ନିକଟରେ ତିର୍ତ୍ତୋଲ-ପୋଷଲ ଖରାଦିନିଆ ରାସ୍ତା ନିର୍ମାଣ ହୋଇ ଆସୁଛି। ଏଥିସହ ପାଇକା ନଦୀ ଉପରେ ଟିପିରି-ଗୋବର୍ଦ୍ଧନ ଖରାଦିନିଆ ରାସ୍ତା ନିର୍ମାଣ ହୁଏ। ଦୀର୍ଘବର୍ଷ ହେବ ବିଭାଗ ଏହି ଦୁଇ ଖରାଦିନିଆରାସ୍ତା ପ୍ରତ୍ୟକ ବର୍ଷ ନଭେମ୍ବରରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ ଡିସେମ୍ବର ସୁଦ୍ଧା ନିର୍ମାଣ କାମ ଶେଷ ହୋଇଥାଏ। ଏହା ଉପରେ ଡିସେମ୍ବରରୁ ସ୍ଥାନୀୟ ଲୋକମାନେ ଚାଲିବା ଆରମ୍ଭ କରିଥାନ୍ତି। ଗତ କିଛି ବର୍ଷ ହେବ ଏଥିରେ ବ୍ୟତୀକ୍ରମ ଦେଖାଦେବା ସହ ବିଳମ୍ବରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଏହା ଉପରେ ନିର୍ଭର କରିବାକୁ ଥିବା ତିର୍ତ୍ତୋଲ ଧୋୟା ଅଞ୍ଚଳବାସୀ ସବୁବର୍ଷ ଭଳି ବିଳମ୍ବରେ ଏହା ନିର୍ମାଣ ହେବ ବୋଲି ଧରିନେଇଥିଲେ। ଅଥଚ ଚଳିତ ବର୍ଷ ଏହା ନିର୍ମାଣ ହେବା ସମ୍ଭବ ହେଲାନାହିଁ।

ଏହି ଦୁଇ ଖରାଦିନିଆ ରାସ୍ତା ଉପରେ ତିର୍ତ୍ତୋଲ ମହାନଦୀ-ପାଇକା ଦ୍ୱୀପାଞ୍ଚଳରେ ଥିବା କୃଷ୍ଣାନନ୍ଦପୁର, ବିଷ୍ଣୁନପୁର, କନିମୁଳ, ଗୋପାଳପୁର(ଶ), ଦାଇଁଲୋ, ଆମ୍ବେରୀ, କୋଲର, ସାମନ୍ତରାପୁର, ପୋରଗଦେଇ ସହ କୁଜଙ୍ଗ ବ୍ଲକ ଏବଂ କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକର କିଛି ଲୋକ ଯାତାୟତ କରିଥାନ୍ତି। ଏମାନେ ସୁବିଧାରେ ଓ କମ ସମୟରେ ତିର୍ତ୍ତୋଲ ଆସିବା ସହ କଟକ, ପାରାଦୀପ, ଜଗତସିଂହପୁର ଆଦି ସ୍ଥାନକୁ ଯିବାପାଇଁ ଯାତ୍ରୀବାହୀ ବସ ଓ ଟ୍ରେନ ଧରିବାକୁ ସକ୍ଷମ ହୋଇଥାନ୍ତି। ଏହି ରାସ୍ତା ଉପରେ ଜାନୟାରୀରୁ ଜୁନ ପର୍ଯ୍ୟନ୍ତ ଲୋକମାନେ ଯାତାୟତର ସୁବିଧା ପାଇଥିନ୍ତି। ଜୁନ ମାସର ଦ୍ୱିତୀୟ ସପ୍ତାହରେ ଏହି ରାସ୍ତା ମଧ୍ୟରେ ନିର୍ମାଣ ହୋଇଥିବା କାଠପୋଲରୁ କାଠ, ପଟା, ବହ୍ଲା ଇତ୍ୟାଦି ଖୋଲା ଯିବା ପରେ ଯାତାୟାତ ବନ୍ଦ ରହିଥାଏ। ଚଳିତ ବର୍ଷ ପ୍ରଶାସନିକ ଅବହେଳାରୁ ରାସ୍ତା ନିର୍ମାଣ ନ ହୋଇ ପାରିବାରୁ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ସ୍ୱରାଜ ବିଶ୍ୱାଳ କହିଛନ୍ତି, ଧାର୍ଯ୍ୟ ସମୟରେ ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ପାରି ନ ଥିବାରୁ କାର୍ଯ୍ୟ ହୋଇ ପାରିଲା ନାହିଁ। ତେବେ ଆଗାମୀ ଦିନରେ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୪/୨୦୧୯ Bhubaneswar, Tuesday, June 4 / 2019

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

**ଚଣ୍ଡିଖୋଲ,୩।୬(ଡି.ଏନ.ଏ.):** ୧୬ ନଂ. ଜାତୀୟ ରାଜପଥର ବଡ଼ଚଣା ଥାନା ଅନ୍ତର୍ଗତ ଗଣ୍ଡି ଛକ ନିକଟରେ ସୋମବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଚଣା ଗ୍ରାମର ଗୁରୁ ଚରଣ ନାୟକ (୫୮)। ସ୍ଥାନୀୟ ଲୋକେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, ଗୁରୁ ଚରଣ ସୋମବାର ଗଣ୍ଡି ଛକ ନିକଟରେ ରାସ୍ତା ପାର ହେଉଥିବାବେଳେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା।

### କିରୋସିନ୍ ଢାଳି ମହିଳାଙ୍କ ଆତ୍ମହତ୍ୟା

**ବିଞ୍ଝାରପୁର,୩।୬(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସମଲପୁର ଗ୍ରାମରେ ରବିବାର ବିଳମ୍ବିତରାତ୍ରିରେ ଜଣେ ମହିଳା କିରୋସିନ୍ ଢାଳି ଆତ୍ମହତ୍ୟା କରିଛନ୍ତି। ମହିଳା ଜଣଙ୍କ ଶରତ ବଳଙ୍କ ସ୍ତ୍ରୀ ଉଷାରାଣୀ (୩୦)। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ କରିବା ସହ ଏକ ଅପମୃତ୍ୟୁ ମାମଲା (୧୯/୧୯) ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ରବିବାର ବିଳମ୍ବିତ ରିତିରେ ଉଷାରାଣୀ କୌଣସି ଏକ କାରଣକୁ ନେଇ ଦେହରେ କିରୋସିନ ଢାଳି ନିଆଁ ଲଗାଇଦେଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଉଷାରାଣୀଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଞ୍ଝାରପୁର ପୋଲିସ ଚିକିତ୍ସାଳୟରେ ପହଞ୍ଚି ଥିଲା। ତେବେ ପାରିବାରିକ କଳହରୁ ଉଷାରାଣୀ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ଓଲଟିଲା ଆମ୍ବୁଲାନ୍ସ, ଅଳ୍ପକେ ବର୍ତ୍ତିଲେ କର୍ମଚାରୀ

**କୋରେଇ,୩।୬(ସ୍ୱ.ପ୍ର.):** ପାଣିକୋଇଲି ଥାନା ଅନ୍ତର୍ଗତ ମୁଳାପାଳଠାରେ ସୋମବାର ଭୋର ସମୟରେ ଏକ ୧୦୨ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟିପଡ଼ିଥିଲା। ହେଲେ ସୌଭାଗ୍ୟବଶତଃ ଆମ୍ବୁଲାନ୍ସରେ ଥିବା କର୍ମଚାରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପ୍ରକାଶ ଯେ, ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜଣେ ପ୍ରସୂତିଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଛାଡ଼ି ଫେରୁଥିବାବେଳେ ଏକ ୧୦୨ ଆମ୍ବୁଲାନ୍ସ (ଓଡି୦୨-ବିବି-୯୭୫୬) କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟିପଡ଼ିଥିଲା।

### ଭାରସାମ୍ୟ ହରାଇ ଓଲଟିଲା ଟ୍ରକ୍, ଡ୍ରାଇଭର ଗୁରୁତର

**ଛତିଆ,୩।୬(ଡି.ଏନ୍.ଏ.):** ଛତିଆ ବିଟ୍ ହାଉସ୍ ଅଧୀନ ବୈରୀ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ଇଷ୍ଟର୍ନ ରାଇସ୍ ମିଲ୍ ନିକଟରେ ସୋମବାର ଅପରାହ୍ନରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିବାରୁ ଡ୍ରାଇଭର ଗୁରୁତର ହୋଇଛନ୍ତି। ପଥଚାରୀ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ଡ୍ରାଇଭରଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ପ୍ରକାଶ ଯେ, ଏକ ହାଇୱା ଟ୍ରକ (ନଂ.ଓଡି-୦୪ଏଚ୍-୦୮୧୯) କଟକରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିଲା। ରାସ୍ତାରେ ଷ୍ଟିଅରିଂ କାମ ନ କରିବାରୁ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡିଥିଲା। ହେଲେ ଡ୍ରାଇଭରଙ୍କ ପରିଚୟ ମିଳିପାରିନାହିଁ।

### ସ୍ତ୍ରୀଙ୍କୁ ଆଇରନ ଚେଙ୍କ, ସ୍ୱାମୀ ଗିରଫ

**ଖଇରା,୩।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଡ଼ପୋଖରୀ ଗ୍ରାମରେ ରବିବାର ଅପରାହ୍ନରେ ସ୍ତ୍ରୀକୁ ଆଇରନ ଚେଙ୍କ ଦେବା ନେଇ ଅଭିଯୋଗ ହୋଇଛି। ଖଇରା ପୋଲିସ ଘଟଣାର ତଦନ୍ତ କରି ଏକ ମାମଲା (ନଂ.୧୦୫/୧୯) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଶାନ୍ତନୁ ମହାନ୍ତିଙ୍କୁ ସୋମବାର ଗିରଫ କରିଛି। ସ୍ତ୍ରୀ ରଞ୍ଜିତା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କର ବିବାହ ଅନ୍ୟୁନ ୭ବର୍ଷ ତଳେ ହୋଇଥିଲା। ବାପଘରୁ ଅଧିକ ଯୌତୁକ ଆଣିବା ଲାଗି ତାଙ୍କୁ ସବୁବେଳେ ଶାରୀରିକ, ମାନସିକ ନିର୍ଯାତନା ଦିଆଯାଉଥିଲା। ରବିବାର ପୁନଶ୍ଚ ଏହି ଘଟଣାକୁ ନେଇ ତାଙ୍କୁ ଆଇରନ ଚେଙ୍କ ଦିଆଯାଇଥିଲା। ପରେ ଚିକିତ୍ସା ପାଇଁ ତାଙ୍କୁ ଖଇରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

## ପୁଣି ବାଲି ମାଫିଆଙ୍କ ଆତଙ୍କରାଜ

# ମାଡ଼ ମାରି ଛଡ଼ାଇନେଲେ ଟ୍ରାକ୍ଟର

**ରସୁଲପୁର,୩।୬(ଡିଏନଏ)**



**ରାଜେନ୍ଦ୍ରପୁର ପଞ୍ଚାୟତ**
- ତହସିଲଦାର ଆକ୍ରମଣର ଶିକାର
- ୪ଜଣଙ୍କ ନାଁରେ ଥାନାରେ ମାମଲା

ରସୁଲପୁର ତହସିଲ ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତରେ ବାଲି ମାଫିଆଙ୍କ ଆତଙ୍କରାଜ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ମାଫିଆଙ୍କୁ କାବୁ କରିବାରେ ପୋଲିସ ପ୍ରଶାସନ ବିଫଳ ହୋଇଛି। ଫଳରେ ନିର୍ଦ୍ଦିଷ୍ଟ କେତେଜଣ ଅଭିଯୁକ୍ତ ପଞ୍ଚାୟତରେ ଗୁଣ୍ଡାରାଜ ଚଳାଇଛନ୍ତି। ଏହା ପଛରେ ରାଜନୈତିକ ପୃଷ୍ଠପୋଷକତା ରହିଛି ବୋଲି କୁହାଯାଉଛି। ଏହାର ସୁଯୋଗରେ ଅଭିଯୁକ୍ତମାନେ ଏକାଧିକ ଅପରାଧିକ ମାମଲା ଘଟାଇବା ସହ ଆଇନ ହାତକୁ ନେବା ପାଇଁ ତିଳେ ହେଲେ କୁଣ୍ଠାବୋଧ କରୁନାହାନ୍ତି। ଏପରିକି ପ୍ରଶାସନିକ ଅଧିକାରୀଙ୍କୁ ମାଡ଼ ମାରିବା ଓ ଜୀବନରୁ ମାରିଦେବା ଭଳି ଧମକ ଦେବାକୁ ମଧ୍ୟ ପଛାଉ ନାହାନ୍ତି। ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ସହ ଘଟିଥିବା ଏଭଳି ଏକ ଘଟଣା ସବୁ ଅଭିଯୋଗକୁ ପ୍ରମାଣିତ କରୁଛି। ଏ ଦିଗରେ ତହସିଲଦାର କୁଆଖିଆ ଥାନାରେ ୪ଜଣଙ୍କ ନାଁରେ ଲିଖିତ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଏହି ପଞ୍ଚାୟତରେ ଚୋରା ବାଲି ଚାଲାଣକାରୀଙ୍କ ଦୌରାତ୍ମ୍ୟ ଯୋଗୁ କରଜଙ୍ଗାସ୍ଥିତ ନିଲାମୀ ଘାଟରୁ ବାଲି ଉଠାଣ ବନ୍ଦ ରହିଛି। ଏହାପଛରେ ବାଲି ମାଫିଆମାନେ ବେଆଇନ ବାଲି ଘାଟକୁ ସଚଳ କରିବା ଭଳି ମନ୍ଦ ଉଦ୍ଦେଶ୍ୟ ରଖିଛନ୍ତି। ବେଆଇନ ଘାଟରୁ ବାଲି ଉଠୁଛି, ଅଥଚ ସରକାରଙ୍କ ପାଉଣା ପୈଠ କରି ନିଲାମୀ ଘାଟରୁ ବାଲି ଉଠିବା ସମ୍ଭବପର ହେଉନାହିଁ। ଏ ନେଇ ରସୁଲପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ ହେବା ପରେ ତହସିଲଦାର ଭୁଜବଳ, ସୁପରଭାଇଜର ମହେଶ୍ୱର ସେଠୀ, ରାଜସ୍ୱ ନିରୀକ୍ଷକ ଓ କୁଆଖିଆ ଥାନାର ଦୁଇଜଣ ପୋଲିସ କନଷ୍ଟେବଳଙ୍କୁ ନେଇ ଘଟଣାସ୍ଥଳକୁ ଯାଇଥିଲେ। ନିଲାମି ବାଲିଘାଟଠାରୁ ଅଳ୍ପ କିଛି ଦୂରରେ ଥିବା ଏକ ବେଆଇନ ବାଲିଘାଟରୁ ଟ୍ରାକ୍ଟରରେ ବାଲି ଉଠୁଥିବା ଦେଖିଥିଲେ। ବେଆଇନ ବାଲି ପରିବହନରେ ବ୍ୟବହୃତ ୩ଟି ଟ୍ରାକ୍ଟରକୁ ଜବତ କରିଥିଲେ। ଟ୍ରାକ୍ଟରଗୁଡିକୁ ଅଟକାଇବା ସମୟରେ ବାବୁଲା ଜେନା, ତାଙ୍କ ଭାଇ ଦିପୁ ଜେନା, ଚନ୍ଦନ ମଲିକ, କପିଳା ପଲେଇ ଓ ସେମାନଙ୍କ ସମର୍ଥକମାନେ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ତହସିଲଦାରଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରି ହତ୍ୟା ଧମକ ଦେଇଥିଲେ। ତହସିଲଦାର, ସହକର୍ମୀ, ପୋଲିସ କର୍ମଚାରୀ ମାଫିଆଙ୍କ ଏଭଳି କାର୍ଯ୍ୟ ଦେଖି ଘଟଣାରେ ହସ୍ତକ୍ଷେପ କରିବାକୁ ଭୟ କରିଥିଲେ। ଏହି ସମୟରେ ତହସିଲଦାର ଜବତ ୩ଟି ଟ୍ରାକ୍ଟରକୁ ଥାନାକୁ ଆଣିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ପରେ ବାବୁଲା ଓ ତାଙ୍କ ସହଯୋଗୀମାନେ ଗୋଟିଏ ଟ୍ରାକ୍ଟର ପୋଲିସଠାରୁ ଜବରଦସ୍ତି ଛଡ଼ାଇ ନେଇଯାଇଥିଲେ। ପୋଲିସ ୨ଟି ବାଲି ବୋଝେଇ ଟ୍ରାକ୍ଟରକୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି। ଏହି ଘଟଣାକୁ ନେଇ ପୋଲିସ ଥାନାରେ ଏକ ମାମଲା (ନଂ-୧୫୬/୧୯) ରୁଜୁ କରିଛି।

ସୂଚନା ଥାଉକି, ବାବୁଲାଙ୍କ ନାଁରେ ଥାନାରେ ଏକାଧିକ ମାମଲା ରହିଛି। ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଫଳରେ ସେ ଏକାଧିକ ଘଟଣା ଘଟାଇବାର ସୁଯୋଗ ପାଉଥିବା କୁହାଯାଉଛି।

## ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

**କୋରେଇ,୩।୬(ସ୍ୱ.ପ୍ର.)**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ନିମନ୍ତେ ଠିକା ନେଇଥିବା ଦିଲୀପ ବିଲ୍ଡକନ ନାମକ ଏକ କମ୍ପାନୀଠାରୁ ଲିଜ୍ ନେଇ ପେଟି କଣ୍ଟ୍ରାକ୍ଟର ଅଧୀନରେ କାର୍ଯ୍ୟ କରୁଥିବା ଜଣେ ଶ୍ରମିକଙ୍କ ରବିବାର ରାତିରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ ଝାଡ଼ଖଣ୍ଡ ରାଜ୍ୟର ବୁଧନ। ମିଳିଥିବା ସୂଚନାନୁସାରେ ଜାତୀୟ ରାଜପଥ ଉପରେ ଆବଶ୍ୟକୀୟ ଗଳି ପୋଲ ନିର୍ମାଣ କରିବାକୁ ଉକ୍ତ ଦିଲୀପ ବିଲ୍ଡକନଠାରୁ କୁଆଖିଆ ଥାନା ଅନ୍ତର୍ଗତ ରମେଶ ସ୍ୱାଇଁ ନାମକ ଜଣେ ଠିକାଦାର ଲିଜ୍ ନେଇ କାର୍ଯ୍ୟ କରୁଥିଲେ। ନିର୍ମାଣ କାର୍ଯ୍ୟ ନିମନ୍ତେ ରଖାଯାଇଥିବା ସାମଗ୍ରୀକୁ ଚୋରିରୁ ରକ୍ଷା କରିବା ପାଇଁ ପ୍ରତିଦିନ କାମ ସରିବା ପରେ କର୍ମଚାରୀ ଜେନେରେଟର ସପ୍ଲାଇରୁ ବିଦ୍ୟୁତ ଚାର୍ଜ କରି ବ୍ରଜନଗରସ୍ଥିତ କ୍ୟାମ୍ପକୁ ଚାଲି ଯାଉଥିଲେ। ସେହିପରି ରବିବାର ରାତିରେ ମଧ୍ୟ ସମସ୍ତ କର୍ମଚାରୀ ବିଦ୍ୟୁତ ଚାର୍ଜ କରି କ୍ୟାମ୍ପକୁ ଚାଲି ଯାଇଥିଲେ। ତେବେ ବିଦ୍ୟୁତ ଚାର୍ଜ ହୋଇଥିବା ବିଷୟରେ ଜାଣି ନ ଥିବା ଝାଡ଼ଖଣ୍ଡର ବୁଧନ ନାମକ ଜଣେ ଶ୍ରମିକ କୌଣସି କାର୍ଯ୍ୟରେ ଉକ୍ତ କ୍ୟାମ୍ପକୁ ଆସିଥିବାବେଳେ ବିଦ୍ୟୁତ ଆଘାତ ପାଇ ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଉକ୍ତ କ୍ୟାମ୍ପରେ ନିୟୋଜିତ ସିକ୍ୟୁରିଟି ଏହା ଦେଖି ପାଟି କରିବାରୁ ସ୍ଥାନୀୟଲୋକେ ପହଞ୍ଚି ପାଣିକୋଇଲି ଥାନାକୁ ଖବର ଦେଇଥିଲେ। ପରେ ଏସ୍ଆଇ କୈଳାସ ଚନ୍ଦ୍ର ଭୋଇ ଓ ଏଏସଆଇ ସଞ୍ଜୟ କୁମାର ଦାସ ପହଞ୍ଚି ବିଦ୍ୟୁତ ସଂଯୋଗକୁ କାଟି ଶ୍ରମିକଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ରମିକଙ୍କ ପରିବାର ଝାଡ଼ଖଣ୍ଡରୁ ଆସୁଥିବାରୁ ବ୍ୟବଚ୍ଛେଦ କରା ନ ଯାଇ ଶବ ସଂରକ୍ଷଣ ଗୃହରେ ରଖାଯାଇଛି ବୋଲି ଥାନାଧିକାରୀ ଅଜୟ କୁମାର ଜେନା କହିଛନ୍ତି। ଅଭିଯୋଗ ଆସିବା ପରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ତେବେ କଣ୍ଟ୍ରାକ୍ଟର ଜଣକ କିପରି ନିଜ କର୍ମଚାରୀଙ୍କୁ ରାତିରେ ତଳେ ପଡ଼ିଥିବା ରଡ଼ ଓ ପାଇପଗୁଡ଼ିକୁ ବିଦ୍ୟୁତ୍ ଚାର୍ଜ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ, ତାହା ତଦନ୍ତ ହେବା ସହ କଣ୍ଟ୍ରାକ୍ଟରଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବାକୁ ଷଠିପୁର ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଉକ୍ତ ଶ୍ରମିକଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଓ କଣ୍ଟ୍ରାକ୍ଟର ବିରୋଧରେ ହତ୍ୟା ମାମଲା ରୁଜୁ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେବାକୁ ସାମାଜିକ କର୍ମୀ ତାରିଣୀ କୁମାର ପଟ୍ଟନାୟକ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଏକ ପିଟିସନ ଦାଏର କରିଛନ୍ତି।

## ଡ୍ରେସ୍ ଦୋକାନରୁ ଲୁଟ୍ ଅଭିଯୋଗ

**ବିଞ୍ଝାରପୁର ,୩।୬(ଡି.ଏନ୍.ଏ.)**

ବିଞ୍ଝାରପୁର ଥାନା ଅନ୍ତର୍ଗତ ମଇଁନ୍ଦା ଛକରେ ଥିବା ଏକ ଡ୍ରେସ୍ ଦୋକାନରୁ ରବିବାର ବିଳମ୍ବିତ ରାତିରେ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଦୋକାନର ପଛପଟେଥିବା ସ୍କାଏଲାଇଟ୍ ଭାଙ୍ଗି ଲୁଟେରାମାନେ ଲକ୍ଷାଧିକ ଟଙ୍କାର ଡ୍ରେସ୍ ଚୋରିକରି ନେଇଥିବା ସୋମବାର ମାଲିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ ମଧ୍ୟ ଲୁଟେରାଙ୍କର ସୁରାକ ପାଇ ପାରି ନ ଥିବା ଜଣାପଡିଛି। ଚିକଣା ଗ୍ରାମର ପ୍ରଶାନ୍ତ କବି ଦୁଇ ବର୍ଷ ହେବ ମଇଁନ୍ଦା ଛକରେ ନନ୍ଦିନୀ କଲେକସନ ନାମରେ ଡ୍ରେସ୍ ଦୋକାନ ଖୋଲି ବ୍ୟବସାୟ କରୁଛନ୍ତି। ସୋମବାର ସକାଳେ ଦୋକାନ ଖୋଲିବାକୁ ଆସିଥିବାବେଳେ ଲୁଟ ସମ୍ପର୍କରେ ଜାଣିବାକୁ ପାଇଥିଲେ।

## ମା’ ତାରିଣୀ ମନ୍ଦିରରେ ମହିଳାଙ୍କ ପୂଜାର୍ଚ୍ଚନା

**କୋରେଇ,୩।୬(ସ୍ୱ.ପ୍ର.)**

ଓଡ଼ିଆ ପରମ୍ପରା ଅନୁସାରେ ସ୍ୱାମୀଙ୍କ ଦୀର୍ଘାୟୁ କରି ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି। ସୋମବାର ସାବିତ୍ରୀ ବ୍ରତ ପାଳନ ଅବସରରେ ପୂଜାର୍ଚ୍ଚନା କରିବା ପାଇଁ ସ୍ଥାନୀୟ ଦେବଦେବୀଙ୍କ ମନ୍ଦିରରେ ମହିଳାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି କୋରେଇସ୍ଥିତ ତାରିଣୀ ମନ୍ଦିରରେ ମହିଳାମାନେ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି। ବହୁ ସଂଖ୍ୟାରେ ମହିଳା ଏକତ୍ରିତ ହୋଇ ସକଳ ଶକ୍ତିର ଆଧାର ସୂର୍ଯ୍ୟ ଓ କରୁଣାମୟୀ ମା’ ତାରିଣୀଙ୍କ ବନ୍ଦାପନା କରିଥିଲେ। ପରେ ମନ୍ଦିରର ପୂଜକ ସୂର୍ଯ୍ୟମଣୀ ପଣ୍ଡା ସାବିତ୍ରୀ ପୁରାଣ ପାଠ କରିବା ପରେ ମହିଳାମାନେ ମା’ଙ୍କ ପାଦୁକା ପାଇ ବ୍ରତ ଭଙ୍ଗ କରିଥିଲେ।

## ବୋହୂଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ: ଶାଶୁ କୋର୍ଟଚାଲାଣ

**ଦଶରଥପୁର,୩।୬(ଡି.ଏନ.ଏ.)**

ବୋହୂଙ୍କୁ ଶାଶୁଘର ଲୋକଙ୍କ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସୋମବାର ପୋଲିସ ଶାଶୁଙ୍କୁ କୋର୍ଟଚାଲାଣ କରିଥିବାବେଳେ ଅନ୍ୟମାନେ ଫେରାର ଅଛନ୍ତି। ଅଭିଯୁକ୍ତ ଶାଶୁ ହେଲେ ମାଳତୀ ଓଝା। କନିକାପଡା ଗ୍ରାମର ଗଗନ ଓଝା ୧୨ ବର୍ଷ ତଳେ ଭଦ୍ରକ ଫଳପୁର ଗ୍ରାମର ମମତା ଓଝାଙ୍କୁ ବିବାହ କରିଥିଲେ। ଉଭୟଙ୍କର ୧୦ ବର୍ଷର ପୁଅ। ଗଗନ ତାଙ୍କ ସ୍ତ୍ରୀ ମମତାଙ୍କୁ ବାରମ୍ବାର ନିର୍ଯାତନା ଦେଇଆସୁଛନ୍ତି। ଏ ନେଇ ବହୁବାର ମଙ୍ଗଳପୁର ଥାନା ଏବଂ ପଞ୍ଚାୟତର ଲୋକଙ୍କ ଦ୍ୱାରା ଆପୋସ ସମାଧାନ ମଧ୍ୟ ହୋଇଥିଲା। ହେଲେ ଏଥିରେ କୌଣସି ସୁଫଳ ମିଳୁ ନ ଥିଲା। ଗଗନଙ୍କ ପାଖରେ ଥିବା ମମତା ଓ ତାଙ୍କ ପୁଅର ସାର୍ଟିଫିକେଟକୁ ମମତା ରବିବାର ମାଗିଥିଲେ। ଏହି ସାମାନ୍ୟ କଥାକୁ ନେଇ ଗଗନ ଗାଳିଗୁଲଜ କରିବା ସହ ଏକ ଲୁହାରଡରେ ପିଟିଥିଲେ। ପରେ ଶାଶୁ ମାଳତୀ ଓଝା, ଶ୍ୱଶୁର ଆଦିକନ୍ଦ ଓଝା ଏବଂ ସପନ ଓଝା ମିଳିତଭାବେ ମମତାଙ୍କୁ ଆକ୍ରମଣ କରି ଘରୁ ଗ୍ରାମର ମଝି ରାସ୍ତା ପର୍ଯ୍ୟନ୍ତ ଆଣିଥିଲେ। ଗଗନଙ୍କ ଗୋଇଠା ମାଡରେ ମମତାଙ୍କର ପ୍ରବଳ ରକ୍ତ ସ୍ରାବ ହୋଇଥିଲା। ସେ କୌଶଳକ୍ରମେ ଖସି ଆସି ମଙ୍ଗଳପୁର ମେଡିକାଲରେ ଚିକିତ୍ସିତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଥାନା ଆଇଆଇସି ଅସିତ ମହାନ୍ତିଙ୍କୁ ଫୋନରେ ଅଭିଯୋଗ ଶୁଣାଇଥିବାବେଳେ ସେ ଛୁଟିରେ ଥିବା କହି ଫୋନ କାଟିଦେଇଥିଲେ। ତେଣୁ ବାଧ୍ୟ ହୋଇ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଅବସ୍ଥା ଗୁରୁତର ହେବାରୁ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ତାଙ୍କୁ ଯାଜପୁର ଟାଉନ ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାବେଳେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଜଣାପଡ଼ିଛି।

### ଦେଉଳି ପାହାଡ଼ରୁ ମହିଳାଙ୍କ ମୃତଦେହ, ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର ଘଟଣା

## ଚେନ୍ନାଇରୁ ମୁଖ୍ୟ ଅଭିଯୁକ୍ତ ଗିରଫ

**ଧର୍ମଶାଳା,୩।୬(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଦେଉଳି ପାହାଡ ଉପରୁ ମେ ୪ତାରିଖ ଜଣେ ମହିଳାଙ୍କ ମୃତଦେହ ସହ ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ପୋଲିସ ପୂର୍ବରୁ ଜଣଙ୍କୁ କୋର୍ଟଚାଲାଣ କରିଥିବାବେଳେ ରବିବାର ମୁଖ୍ୟ ଅଭିଯୁକ୍ତଙ୍କୁ ଚେନ୍ନାଇରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ଦେଉଳି ଗ୍ରାମର ବିଜୟ କୁମାର ବେହେରା(୩୦) ବୋଲି ପୋଲିସ ସୂଚନା ଦେଇଛି। ଗିରଫ ପରେ ସୋମବାର ବିଜୟଙ୍କୁ ଘଟଣାସ୍ଥଳକୁ ନେଇ ପୋଲିସ ଅଧିକ ତଦନ୍ତ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ମେ ୨ତାରିଖ ରାତିରେ ଉକ୍ତ ଯୁବତୀଙ୍କୁ ବିଜୟ ଦେଉଳି ପାହାଡ଼କୁ ଡାକି ନେଇଥିଲେ। ସେମାନଙ୍କ ପିଛରେ ଯୁବତୀଙ୍କ ମା’ ମଧ୍ୟ ଯାଇଥିଲେ। ମାତ୍ର ଉଭୟ ମା’ ଓ ଝିଅ ରାତିରେ ଘରକୁ ଫେରି ନ ଥିଲେ। ୪ତାରିଖ ସକାଳେ ଦେଉଳି ପାହାଡରୁ ମହିଳାଙ୍କ ମୃତଦେହ ସହ ଝିଅକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପୋଲିସ ଯୁବତୀଙ୍କୁ ମେଡିକାଲ ପଠାଇବା ସହିତ ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଏକ ମାମଲା (ନଂ. ୨୧୬/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ପୋଲିସ ପୂର୍ବରୁ ବିଜୟଙ୍କ ସହଯୋଗୀ ବିଚିତ୍ର ରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି। ଅପରପକ୍ଷେ ସେହିଦିନ ବାଲେଶ୍ୱରର ସହଦେବଖୁଣ୍ଟା ଅଞ୍ଚଳରେ ଗାଡି ଡ୍ରାଇଭରଭାବେ କାମ କରୁଥିବା ମୃତ ମହିଳାଙ୍କ ପୁଅର ମଧ୍ୟ ମୃତ୍ୟୁ ହୋଇଥିଲେ ହେଁ ଉକ୍ତ ଘଟଣାରେ ପୋଲିସ କୌଣସି ସୁରାକ ପାଇ ନ ଥିବା ଜଣାପଡିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ବିଏସ୍ କଲେଜର ପାସ୍‌ହାର ୯୯%

**ଦଶପଲ୍ଲା, ୩।୬(ଡି.ଏନ.ଏ.):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ପାସ୍ ହାର ୯୯ ପ୍ରତିଶତ ହୋଇଛି। ସମୁଦାୟ ୮୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୫୦ଜଣ ପ୍ରଥମ ଶ୍ରେଣୀ, ୨୫ଜଣ ଦ୍ୱିତୀୟ ଶ୍ରେଣୀ ଓ ୭ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜଣେ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତା ନେଇ କଲେଜ କର୍ତ୍ତୃପକ୍ଷ, ଅଭିଭାବକ ମହଲରେ ଉତ୍ସାହ ଦେଖିବାକୁ ମିଳିଛି।

### ଘାଟି ତଳକୁ ଖସିଲା କାର୍



**ଦଶପଲ୍ଲା,୩।୬ (ଡି.ଏନ.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଟାକରା ନିକଟ ଖରଡାପିଟା ଘାଟିଠାରେ ସୋମବାର ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଅପରାହ୍ନ ପ୍ରାୟ ୪ଟାରେ କାର୍ (ଓଡି୦୨ଜେ-୬୦୦୧)ଟି ଘାଟି ତଳକୁ ଖସିପଡିଥିବା ଦେଖିବାକୁ ମିଳିଛି। ମାତ୍ର ଏଥିରେ କାହାର କ୍ଷୟକ୍ଷତି ହୋଇଥିବା ନେଇ କୌଣସି ସୂଚନା ମିଳିନାହିଁ।

### ପର୍ଯ୍ୟଟନ ପୀଠରେ ନିଶା କାରବାର ବନ୍ଦ ଦାବି

**ଖଣ୍ଡପଡ଼ା,୩।୬(ସ୍ୱ.ପ୍ର.):** ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବେ କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର ସର୍ବଜନ ବିଦିତ । ଏଠାକୁ ବର୍ଷସାରା ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ। ଅସାମାଜିକ କାର୍ଯ୍ୟକଳାପ ଉପରେ ପୋଲିସ ଦୃଷ୍ଟି ନ ପଡ଼ିବା ଫଳରେ ବଜାର ଓ ମନ୍ଦିର ନିକଟରେ ବିଭିନ୍ନ ନିଶା କାରବାର ବିଶେଷ ଭାବେ ଦେଶୀ ଓ ବିଦେଶୀ ମଦ ବ୍ୟବସାୟ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । କଣ୍ଟିଲୋ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱ ତଥା ମନ୍ଦିରଠାରୁ ଅଳ୍ପ ଦୂରରେ ନିଶା କାରବାର ଓ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ଯୋଗୁ ଉକ୍ତ ରାସ୍ତାଦେଇ ଯାତାୟାତ କରୁଥିବା ଛାତ୍ରୀଛାତ୍ର ଓ ପର୍ଯ୍ୟଟକ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଏଠାରୁ ମଦ ଦୋକାନଗୁଡିକୁ ବନ୍ଦ କରିବା କିମ୍ବା ସ୍ଥାନାନ୍ତରିତ କରିବା ନେଇ ଅବକାରୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନି। ତେଣୁ ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

### ରଣପୁରରେ ସାବିତ୍ରୀ ବ୍ରତ

**ରଣପୁର,୩।୬(ସ୍ୱ.ପ୍ର.):** ରଣପୁରରେ ସ୍ୱାମୀଙ୍କ ମଙ୍ଗଳ କାମନା କରି ମହିଳା ମାନେ ସୋମବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି । ସକାଳୁ ଦେବାଳୟରେ ମହିଳାମାନେ ପହଞ୍ଚି ବିଭିନ୍ନ ପ୍ରକାରର ଫଳ, ଶଙ୍ଖା, ସିନ୍ଦୂର, ବ୍ରତ ଆଦି ପୂଜାର୍ଚ୍ଚନା ସାମଗ୍ରୀ ଧରି ନୂତନ ବସ୍ତ୍ର ପରିଧାନ କରି ବ୍ରତ ପାଳନ କରିଛନ୍ତି। ଗୁରୁଜନ ଓ ସ୍ୱାମୀଙ୍କ ଆର୍ଶୀବାଦ ଲାଭ କରିଛନ୍ତି । ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ବ୍ଲକ ଅଧୀନ ବିଭିନ୍ନ ଦେବାଳୟ ଓ ସାବିତ୍ରୀ ଦେବୀ ପୂଜା ପାଉଥିବା ମନ୍ଦିରରେ ପୂଜା ନିମନ୍ତେ ମହିଳାମାନେ ସମାଗମ ହୋଇଥିଲେ।

■ ପ୍ରକାଶ ପାଇଲା ଯୁକ୍ତ ୨ ବିଜ୍ଞାନ ପରୀକ୍ଷାଫଳ

# ପାସ୍ ହାର ୮୫.୮୨ ପ୍ରତିଶତ



ପରିବାର ଲୋକେ ସୁପ୍ରିୟାଙ୍କୁ ମିଠା ଖୁଆଇ ଖୁସି ମନାଉଛନ୍ତି।

■ରାଜ୍ୟରେ ତୃତୀୟ ସ୍ଥାନରେ ନୟାଗଡ଼
■ସୁପ୍ରିୟା ବେହେରା ଜିଲା ଟପ୍ପର
■ରାଜ୍ୟରେ ୬୦ ଜଣଙ୍କ ମଧ୍ୟରେ ଜିଲାର ୩

**ନୟାଗଡ଼ ଅଫିସ,୩।୬**

ସୋମବାର ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାଫଳ ପ୍ରକାଶ ପାଇଛି। ଚଳିତବର୍ଷ ଜିଲାରେ ପାସ୍ ହାର ରହିଛି ୮୫.୮୨ ପ୍ରତିଶତ। ପୂର୍ବବର୍ଷ ୯୨.୨୩ ପ୍ରତିଶତ ରଖି ରାଜ୍ୟରେ ଜିଲା ପ୍ରଥମ ହୋଇଥିଲାବେଳେ ଚଳିତବର୍ଷ ତୃତୀୟ ସ୍ଥାନକୁ ଖସିଆସିଛି। ପାସ୍‌ହାରରେ ବାଲେଶ୍ୱର ଜିଲା ସର୍ବାଧିକ ୮୬.୫୬ ପ୍ରତିଶତ ରଖି ପ୍ରଥମ ହୋଇଥିବା ବେଳେ ଖୋର୍ଦ୍ଧା ଜିଲା ୮୬.୪୪ ପ୍ରତିଶତ ରଖି ଦ୍ୱିତୀୟ ସ୍ଥାନରେ ରହିଛି। ରାଜ୍ୟରେ ୬୦ ଛାତ୍ରୀଛାତ୍ର ୯୦%ରୁ ଅଧିକ ମାର୍କ ରଖିଥିବାବେଳେ ନୟାଗଡ଼ ଜିଲାରୁ ଏଥିରେ ୩ଜଣ ଅଛନ୍ତି। ସେମାନେ ହେଲେ ନୟାଗଡ଼ ସ୍ୱୟଂଶାସିତ (କନିଷ୍ଠ) ମହାବିଦ୍ୟାଳୟର ଛାତ୍ରୀ ସୁପ୍ରିୟା ବେହେରା, ଛାତ୍ର ଶୁଭମ୍ ଦାଶ ଓ ସୌମ୍ୟରଞ୍ଜନ ମହାରଣା। ସୁପ୍ରିୟା ୫୪୯ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି। ସେହିପରି ଶୁଭମ୍ ୫୪୪ ଓ ସୌମ୍ୟରଞ୍ଜନ ୫୪୧ ମାର୍କ ରଖି ଜିଲାରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଚଳିତବର୍ଷ ଜିଲାରେ ୨୫୬୪ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୫୨୬ ଜଣ ପରୀକ୍ଷା ଦେଇଥିବାବେଳେ ୨୧୬୮ଜଣ ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରୁ ୮୫୭ ପ୍ରଥମ ଶ୍ରେଣୀ, ୭୭୪ ଦ୍ୱିତୀୟ ଓ ୫୨୮ଜଣ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ୯ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ କରିଥିବାବେଳେ ୩ଜଣ ଏକ୍ସପେଲ୍ ହୋଇଛନ୍ତି। ପୂର୍ବବର୍ଷ ଜିଲାରୁ ୨ ଛାତ୍ରୀଛାତ୍ର ୯୦% ପ୍ରତିଶତରୁ ଅଧିକ ମାର୍କ ରଖିଥିଲେ।

## ଡାକ୍ତର ହେବା ମେଧାବୀଙ୍କ ଲକ୍ଷ୍ୟ



■ ନୟାଗଡ଼ ଜିଲା ଟପ୍ପର ସୁପ୍ରିୟା ବେହେରା ରୋଗୀମାନଙ୍କ ସେବା କରିବା ପାଇଁ ଡାକ୍ତର ବୃତ୍ତି ଆପଣାଇବାକୁ ଲକ୍ଷ୍ୟ ରଖିଛନ୍ତି। ନୂଆଗାଁ ବ୍ଲକ ମହୀପୁର ପଞ୍ଚାୟତ ଅଭୟପୁର ଗ୍ରାମର ଭଗବାନ ବେହେରା ଓ ରଜନୀବାଳା ବେହେରାଙ୍କ କନ୍ୟା ହେଉଛନ୍ତି ସୁପ୍ରିୟା। ମହୀପୁର ଉଚ୍ଚ ବିଦ୍ୟାଳୟରେ ସେ ଦଶମ ଶ୍ରେଣୀରେ ୯୩.୫ ପ୍ରତିଶତ ମାର୍କ ରଖିଥିଲେ। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ନାମ ଲେଖାଇବା ସହ ଏକ କୋଚିଂ ସେଣ୍ଟରରେ କୋଚିଂ ନେଉଥିଲେ। ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ। ସଫଳତାର ଶ୍ରେୟ ଭଗବାନ, ମା'ବାପାଙ୍କ ସହ ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକଙ୍କୁ ଦେଇଛନ୍ତି। ପାଠପଢା ଛଡ଼ା ଅନ୍ୟ ସମୟରେ ଘର କାମରେ ମାଆଙ୍କୁ ସାହାଯ୍ୟ କରନ୍ତି ସୁପ୍ରିୟା।

- ସୁପ୍ରିୟା ବେହେରା



■ ୫୪୪ ମାର୍କ ରଖି ଜିଲାରେ ଯୁକ୍ତ ଦୁଇ ବିଜ୍ଞାନରେ ଦ୍ୱିତୀୟ ସ୍ଥାନ ରଖିଥିବା ଶୁଭମ୍ ଆଗାମୀ ଦିନରେ ଡାକ୍ତର ହୋଇ ରୋଗୀମାନଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି। ନୂଆଗାଁ ବ୍ଲକ ଖଣ୍ଡୁଗାଁ ଗ୍ରାମରେ ଶୁଭମଙ୍କ ଘର। ବାପା ବୃନ୍ଦାବନ ଦାଶ ନୟାଗଡ଼ର ଏକ ଇଂଲିଶ ମିଡ଼ିୟମ ସ୍କୁଲରେ ଶିକ୍ଷକ ଥିବାବେଳେ ମାଆ ଭବାନୀପ୍ରଭା ଦାଶ ଅଙ୍ଗନୱାଡ଼ି କର୍ମୀ। ସଫଳତାର ଶ୍ରେୟ ସେ ମା'ବାପା, ଏକ କୋଚିଂସେଣ୍ଟର ଶିକ୍ଷକ, କଲେଜର ଅଧାପିକା ଅଧାପକ ଓ ଭଗବାନଙ୍କୁ ଦେଇଛନ୍ତି। ପାଠଛଡ଼ା ଗୀତ ଗାଇବା ଓ କ୍ରିକେଟ ଖେଳରେ ରୁଚି ରଖନ୍ତି ଶୁଭମ୍।

- ଶୁଭମ୍ ଦାଶ



■ ୫୪୧ ମାର୍କ ରଖି ଜିଲାରେ ତୃତୀୟ ସ୍ଥାନ ହାସଲ କରିଥିବା ସୌମ୍ୟରଞ୍ଜନ ଭଲ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ସୌମ୍ୟରଞ୍ଜନଙ୍କ ଘର ଭାପୁର ବ୍ଲକ ବାଇଗୁଣିଆ ହୋଇଥିବା ବେଳେ ବାପା କୈଳାସ ଚନ୍ଦ୍ର ମହାରଣା ଖଣ୍ଡପଡ଼ା ପଠାଣିସାମନ୍ତ କଲେଜରେ କେମେଷ୍ଟ୍ରି ବିଭାଗର ଡେମୋଷ୍ଟ୍ରେଟର ଅଛନ୍ତି। ମାଆ ଗୀତାଞ୍ଜଳି ମହାରଣା ଜଣେ ଅଙ୍ଗନୱାଡ଼ି କର୍ମୀ। ମାଟ୍ରିକ୍‌ରେ ସେ ୯୪.୧ ପ୍ରତିଶତ ମାର୍କ ରଖିଥିଲେ। ସଫଳତାର ଶ୍ରେୟ ସେ ମା'ବାପା, ଏକ ଟ୍ୟୁଟୋରିଆଲ୍‌ର ଶିକ୍ଷକ, କଲେଜ ଅଧାପିକା ଅଧାପକ ଓ ଭଗବାନଙ୍କୁ ଦେଇଛନ୍ତି। ପାଠଛଡ଼ା କ୍ରିକେଟ ଖେଳରେ ରୁଚି ରଖୁଥିବା କହନ୍ତି ସୌମ୍ୟରଞ୍ଜନ।

- ସୌମ୍ୟରଞ୍ଜନ ମହାରଣା

## ଓଡ଼ଗାଁ କଲେଜ ପାସ୍ ହାର ୯୪%

**ଓଡ଼ଗାଁ, ୩।୬(ସ୍ୱ.ପ୍ର.)**



ଦୀନେଶ୍ୱର ବେହେରା।

ସୋମବାର ପ୍ରକାଶ ପାଇଥିବା ଯୁକ୍ତ ୨ ବିଜ୍ଞାନ ଫଳାଫଳ ଅନୁସାରେ ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟର ପାସ୍ ହାର ୯୪ ରହିଛି। ଏହି କଲେଜର ସମୁଦାୟ ୧୩୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୫୦, ଦ୍ୱିତୀୟ ଶ୍ରେଣୀରେ ୫୯ ଓ ତୃତୀୟ ଶ୍ରେଣୀରେ ୧୪ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ନିକଟସ୍ଥ ଦଣ୍ଡୋର ଗ୍ରାମର ଦୀନେଶ୍ୱର ବେହେରା ସମୁଦାୟ ୫୦୧ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ଏନ୍ଏସି ଅନ୍ତର୍ଗତ ଛାମୁସାହିର ଅଙ୍କିତା ଚୌଧୁରୀ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । ଦୀନେଶ୍ୱର ଚଳିତବର୍ଷ ଜେଇଇ ପ୍ରବେଶିକା ପରୀକ୍ଷାରେ ମଧ ସଫଳତା ପାଇଛନ୍ତି।

## ଆଡ଼କଟା କଲେଜରେ ପାସ୍ ହାର ୯୮.୪୧%

**ଗଣିଆ,୩।୬(ଡି.ଏନ.ଏ.)**

ସୋମବାର ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି । ଗଣିଆ ବ୍ଲକ ଆଡକଟାସ୍ଥିତ ବନମାଳୀ ବାରିକୀ ମହାବିଦ୍ୟାଳୟର ସର୍ବାଧିକ ୯୮.୪୧ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତବର୍ଷ ୬୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ପ୍ରଥମଶ୍ରେଣୀରେ ୧୯, ଦ୍ୱିତୀୟଶ୍ରେଣୀରେ ୩୨ ଓ ତୃତୀୟଶ୍ରେଣୀରେ ୧୧ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଡ. ଆର.ସି. ସାମନ୍ତରାୟ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ମହାବିଦ୍ୟାଳୟର ପାସ୍ ହାର ୬୬.୬୬ ପ୍ରତିଶତ ହୋଇଥିବା ଜଣାପଡିଛି। ମହାବିଦ୍ୟାଳୟ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତବର୍ଷ ୫୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

### ଗଣିଆ ବ୍ଲକ

■ ପତିବ୍ରତା, ଭକ୍ତି ଓ ନିଷ୍ଠାର ପ୍ରତୀକ

## ମହିଳା ପାଳନ କଲେ ସାବିତ୍ରୀ ବ୍ରତ

**ଖଣ୍ଡପଡ଼ା,୩।୬(ସ୍ୱ.ପ୍ର.)**

ଜ୍ୟେଷ୍ଠ ଅମାବାସ୍ୟା ତିଥିରେ ସାବିତ୍ରୀ ବ୍ରତ ପାଳନ କରାଯାଏ । ପରମ ପତିବ୍ରତା, ସାଧ୍ୱୀ ସାବିତ୍ରୀ ତପସ୍ୟା ଓ ପତିଭକ୍ତି ଦ୍ୱାରା ମୃତ୍ୟୁଦେବ ଯମରାଜଙ୍କ କବଳରୁ ସ୍ୱାମୀ ସତ୍ୟବାନଙ୍କ ଜୀବନ ରକ୍ଷା କରିବା ସହ ଅନେକ ବର ପ୍ରାପ୍ତ କରିଥିଲେ। ଏହାକୁ ହିନ୍ଦୁ ମହିଳାମାନେ ନିଷ୍ଠାର ସହ ସ୍ୱାମୀଙ୍କ ଶୁଭକାମନା କରି ପାଳନ କରନ୍ତି। ସୋମବାର ଖଣ୍ଡପଡ଼ା ଓ ଏହାର ଆଖପାଖ ମର୍ଦ୍ଦରାଜପୁର, ବେଣାଗାଡିଆ, ଖଳିସାହି, କୋସକା, ଢୋଲମରା, ସିଧାମୂଳା ଆଦି ଅଞ୍ଚଳର ବିବାହିତା ନାରୀମାନେ ଲକ୍ଷ୍ମୀନାରାୟଣଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ଗ୍ରାମ ନିକଟସ୍ଥ ବିଭିନ୍ନ ମନ୍ଦିରକୁ ଯାଇଥିଲେ । ବ୍ରତଧାରିଣୀମାନେ ଶୁଦ୍ଧପୁତ ହୋଇ ନୂଆ ଶାଢି, ଶଙ୍ଖା ଓ ପୂଜା ସାମଗ୍ରୀମାନ ଧରି ଶୈବ ପୀଠମାନଙ୍କରେ ଭିଡ଼ ଲଗାଇଥିଲେ । କଣ୍ଟିଲୋ ଅଞ୍ଚଳର ବ୍ରତ ଧାରିଣୀମାନେ ମଧ ନୂଆ ଶାଢି, ଶଙ୍ଖା, ଚୁଡି, ସିନ୍ଦୂର ପରିଧାନ କରି ଫଳ ଆଦି ପୂଜା ସାମଗ୍ରୀ ଧରି ନୀଳମାଧବ ମନ୍ଦିର ପରିସରସ୍ଥ ଲକ୍ଷ୍ମୀନାରାୟଣ ପାଖରେ ପୂଜାର୍ଚ୍ଚନା କରିଥିଲେ । ସ୍ୱାମୀଙ୍କ ଦୀର୍ଘ, ନିରାମୟ ଜୀବନ କାମନା କରି ବ୍ରତ ପାଳନ କରୁଥିବା ମହିଳାମାନେ କହିଥିଲେ।



ସାବିତ୍ରୀ ପାଳନ ପାଇଁ ନୀଳମାଧବ ମନ୍ଦିରରେ ମହିଳାଙ୍କ ଭିଡ଼।

### କିନ୍ନର ପାଳିଲେ ସାବିତ୍ରୀ ବ୍ରତ

**ବାଲୁଗାଁ,୩।୬(ଡି.ଏନ.ଏ.)**

ହିନ୍ଦୁ ଧର୍ମରେ ସ୍ୱାମୀର ଆରୋଗ୍ୟ କାମନା କରି ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିବା ପରମ୍ପରା ରହିଛି। ତେବେ ବାଲୁଗାଁସ୍ଥିତ ତୃତୀୟ ଲିଙ୍ଗ ସାମାଜିକ ସଂଗଠନ ଚେତନା ପକ୍ଷରୁ ଏହି ବ୍ରତ ପାଳନ କରାଯିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୋମବାର ପବିତ୍ର ସାବିତ୍ରୀ ବ୍ରତ ଉପଲକ୍ଷେ ବାଲୁଗାଁର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଥିବା ସାବିତ୍ରୀ ପୀଠ ଏବଂ ସ୍ଥାନୀୟ ବିଭିନ୍ନ ପୂଜାସ୍ଥଳୀରେ ବ୍ରତଧାରୀ ମହିଳାଙ୍କ ଭିଡ଼ ଜମିଥିଲା । କିନ୍ନର ସଂଗଠନ ପକ୍ଷରୁ ମଧ୍ୟ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟତଃ ଗୁରୁଙ୍କ ଉଦ୍ଦେଶ୍ୟରେ ଏହି ବ୍ରତ ପାଳନ କରାଯାଉଥିବା କିନ୍ନର ଚିନ୍ମୟୀ ବେହେରା ପ୍ରକାଶ କରିଛନ୍ତି ।

### ପୂର୍ବତନ ମନ୍ତ୍ରୀ ଭାଗବତ ବେହେରାଙ୍କ ଶ୍ରାଦ୍ଧ ଦିବସ

**ନୟାଗଡ଼ ଅଫିସ,୩।୬**

ନୟାଗଡ଼ର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ବେହେରାଙ୍କ ୧୮ତମ ଶ୍ରାଦ୍ଧ ଦିବସ ସୋମବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ, ପଶୁସମ୍ପଦ ବିଭାଗ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗଦେଇ ଭାଗବତଙ୍କ ଜୀବନୀ ବିଷୟରେ ବର୍ଣ୍ଣନା କରିଥିଲେ। ଦଳମତ ନିର୍ବିଶେଷରେ ସର୍ବଦଳୀୟ ନେତା ଥିଲେ ଭାଗବତ। ଛାତ୍ର ଜୀବନରୁ ସେ ରାଜନୀତି ଆରମ୍ଭ କରିଥିଲେ। ବିଜୁ ବାବୁଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ଓ ନୟାଗଡ଼ର ବିକାଶ ପାଇଁ ଏହାକୁ ଜିଲା ଗଠନ କରିବାରେ ତାଙ୍କର ମୁଖ୍ୟ ଭୂମିକା ଥିଲା। ନିର୍ବାଚିତ ପ୍ରତିନିଧିମାନେ ସବୁବେଳେ ଆଗଭର ହୋଇ କାର୍ଯ୍ୟ କରିବାକୁ ମନ୍ତ୍ରୀ କହିଥିଲେ। ନିର୍ବାଚନମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ପୂର୍ବତନ ନଗରପାଳ ଗୁରୁପ୍ରସାଦ ଜେନା, ବିଜୁ କୃଷକ ଜନତା ଦଳର ଜିଲା ସଭାପତି ଜଗନ୍ନାଥ ପଣ୍ଡା, ପୂର୍ବତନ ଜିଲା ପରିଷଦ ଅଧକ୍ଷା ମାଳତୀ ଗୁରୁ, ଲୋକନାଥ ସାହୁ ପ୍ରମୁଖ ଯୋଗଦେଇ ଭାଗବତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ମନ୍ତ୍ରୀ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଥିବା ଭାଗବତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।



ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ମନ୍ତ୍ରୀ।

■ ରଣପୁର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

## ରଣପୁର ଜଙ୍ଗଲରେ ମିଳୁନି ରଥ କାଠ

**ରଣପୁର,୩।୬(ସ୍ୱ.ପ୍ର.)**

ଓଡିଶାର ଦ୍ୱିତୀୟ ଶ୍ରୀ କ୍ଷେତ୍ର ଭାବେ ପରିଚିତ ରଣପୁର ରଥଯାତ୍ରା ପାଇଁ ଦେବୋତ୍ତର ବିଭାଗ ତରଫରୁ ସୋମବାର ରଣପୁର ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରଥଯାତ୍ରା ପାଇଁ ନିର୍ମାଣ ହେବାକୁ ଥିବା ୩ ରଥ ପାଇଁ ରଥ କାଠ ମିଳୁ ନ ଥିବା ସ୍ଥାନୀୟ ବନ ବିଭାଗ ଅଧିକାରୀ ଶରତ ଚନ୍ଦ୍ର ଶତପଥି ପ୍ରକାଶ କରିଛନ୍ତି। ରଥ ନିର୍ମାଣ କରୁଥିବା ମହାରଣାମାନଙ୍କ ସହିତ ବନ କର୍ମଚାରୀମାନେ ମିଳିତ ଭାବେ ସଂରକ୍ଷିତ ଜଙ୍ଗଲରେ ଧଅରା କାଠ ଖୋଜିବା ପାଇଁ ମଙ୍ଗଳବାରଠାରୁ ବାହାରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ରଥ ଯାତ୍ରା କିପରି ଶାନ୍ତିଶୃଙ୍ଖଳିତ ଓ ଆକର୍ଷଣୀୟ ହୋଇପାରିବ ସେ ସମ୍ବନ୍ଧରେ ବୈଠକରେ ଆଲୋଚନା କରାଯାଇଥିଲା । ରଥଖଳାରେ ଥିବା ଦୋକାନ ବଜାରକୁ ଉଠାଇବା ପାଇଁ ନିଷ୍ପତ୍ତି ନିଆଯାଇଛି । ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା ପାଇଁ ଏକ ସୁରକ୍ଷା କମିଟି, ପ୍ରଚାର ପ୍ରସାର କମିଟି ମଧ୍ୟ ଗଠନ କରାଯାଇଛି । ଏହି ବୈଠକରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ତହସିଲଦାର ସୁଶାନ୍ତ କୁମାର ପତି, ରଣପୁର ଥାନା ଅଧିକାରୀ ବୈଦ୍ୟନାଥ ଭୋଇ, ବନ ବିଭାଗ ଅଧିକାରୀ ଶରତ ଚନ୍ଦ୍ର ଶତପଥି, ଏବିଡିଓ ରତନ ଲାଲ ଲୋହରା, ଏନ୍ଏସି ଅଧକ୍ଷା ସବିତା ଦାସ, ସମନ୍ୱୟ ଶିଶୁ ବିକାଶର ଅଧିକାରିଣୀ ବ୍ରହ୍ମୋତ୍ରୀ ମିଶ୍ର, ଅଗ୍ନିଶମ ବିଭାଗ ଅଧିକାରୀ ସରୋଜ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଥାନା ଅଧିକାରୀ ଭୋଇ ରଥଯାତ୍ରା ନିମନ୍ତେ ୨ ପ୍ଲାଟୁନ୍ ପୋଲିସ ଫୋର୍ସର ବ୍ୟବସ୍ଥା କରିବା ସହ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ କଡାକଡି ଭାବେ ଲାଗୁ କରାଯିବ ବୋଲି କହିଥିଲେ । ଏନଏସି ଅଧକ୍ଷା ବଡଦାଣ୍ଡର ପରିଷ୍କାର ଓ ପରିଚ୍ଛନ୍ନ ଉପର ଦୃଷ୍ଟି ଦେଇଥିଲେ। ବିଧାୟକ ସତ୍ୟ ନାରାୟଣ ପ୍ରଧାନ ସଭାପତିତ୍ୱ କରିଥିଲେ। ତହସିଲଦାର ଓ ମନ୍ଦିର ପରିଚାଳନା କମିଟିର ମ୍ୟାନେଜର ରମେଶ ଚନ୍ଦ୍ର ପ୍ରଧାନ ବୈଠକ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ ବିଧାୟକଙ୍କ ସହ ମନ୍ଦିର କମିଟି କର୍ମକର୍ତ୍ତା।

■ ଡାଇଗ୍ନୋଷ୍ଟିକ ନାମରେ ଗର୍ଭପାତ ଚାଲିବା ଘଟଣା

## ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚାଲିଛି ଖୋଳତାଡ଼

**ନୟାଗଡ଼ ଅଫିସ,୩।୬**

ଜିଲା ମୁଖ୍ୟ ଚିକିତ୍ସାଳୟ ପଛପଟେ ଥିବା ଏକ ହାଡ଼ଭଙ୍ଗା ଚିକିତ୍ସାଳୟରେ ଡାଇଗ୍ନୋଷ୍ଟିକ କେନ୍ଦ୍ର ନାମରେ ଗର୍ଭପାତ ଚାଲିବା ଘଟଣାରେ ପୋଲିସ ସୋମବାର ଆଉ ଜଣଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ ସଦର ଥାନା ଢେଙ୍କେଣା ଗ୍ରାମର ସମୀର ଜେନା। ପୂର୍ବରୁ ଗିରଫ ହୋଇଥିବା ଶ୍ରୀଧର ପ୍ରଧାନଙ୍କୁ ଗର୍ଭପାତ ସମୟରେ ସହଯୋଗ କରିଥିବାରୁ ସମୀରଙ୍କୁ ଗିରଫ କରାଯାଇଥିବା ଟାଉନ ଥାନା ଏସ୍ଆଇ ପ୍ରଦୀପ ସାମଲ କହିଛନ୍ତି। ମାସିକ ୧୫୦୦ ଟଙ୍କାରେ ଘରଭଡା ନେଇ ଶ୍ରୀଧର ସେଠାରେ ହାଡ଼ଭଙ୍ଗା ଚିକିତ୍ସାଳୟ ଖୋଲିଥିଲେ। ଉକ୍ତ ଘରର ମାଲିକ କଟକରେ ରହୁଥିବା ବେଳେ ଏ ବିଷୟରେ ତାଙ୍କୁ ସୂଚନା ଦିଆଯିବ ବୋଲି ଏସ୍ଆଇ ସାମଲ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, କଟକ ଜିଲା ନରସିଂହପୁର ଖଳିସାହି ଅଞ୍ଚଳର ଜଣେ ମହିଳା ଶନିବାର ରାତିରେ ଉକ୍ତ ହାଡ଼ଭଙ୍ଗା ଚିକିତ୍ସାଳୟକୁ ଗର୍ଭପାତ କରିବାକୁ ଆସିଥିଲେ। ଗର୍ଭପାତ ପାଇଁ ସମସ୍ତ ପ୍ରାଥମିକ କାର୍ଯ୍ୟ ସରିଥିବା ବେଳେ ପୋଲିସ, ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଚଢ଼ାଉ କରିଥିଲା। ସେଠାରୁ ମହିଳାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଟାଉନ ଥାନାରେ ୭୨/୧୯ରେ ମାମଲା ରୁଜୁ କରାଯାଇ ସେଠାରେ କ୍ୱାକ୍ ଭାବେ କାମ କରୁଥିବା ଶ୍ରୀଧର ପ୍ରଧାନଙ୍କୁ ଗିରଫ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। କଟକର କେଉଁ ନର୍ସିଂ ହୋମ୍‌ରେ ମହିଳା ଜଣକ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିଲେ, ସେଠାରେ କେଉଁ ନର୍ସ ତାଙ୍କୁ ଗର୍ଭପାତ ପାଇଁ ନୟାଗଡ଼ ପଠାଇଥିଲେ ସେ ନେଇ ଖୋଳତାଡ଼ କରାଯାଉଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ର ପ୍ରକାଶ କରିଛନ୍ତି। ମହିଳା ଓ ତାଙ୍କ ସ୍ୱାମୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଥିବା ବେଳେ ବୁଧବାର ସେମାନଙ୍କୁ ଘରକୁ ପଠାଯିବ। ଘଟଣାର ତଦନ୍ତ ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ସମସ୍ତ ଅଣପଞ୍ଜୀକୃତ ପାଥୋଲୋଜିର ମୁଖ୍ୟମାନଙ୍କୁ ଡାକି ବୈଠକ କରାଯିବ। ସମସ୍ତେ ଯେପରି ସ୍ୱାସ୍ଥ୍ୟ ବିଭାଗ ନିୟମ ଅନୁଯାୟୀ ପଞ୍ଜୀକୃତ କରିବେ ସେ ନେଇ ପ୍ରବର୍ତ୍ତାଯିବ। ଏଥିରେ ବ୍ୟତିକ୍ରମ ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ସିଡ଼ିଏମଓ ମହାପାତ୍ର ପ୍ରକାଶ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ବହୁ ସଂଖ୍ୟାରେ ପାଥୋଲ୍ୟାବ୍ ଥିବାବେଳେ ସେଥିରୁ ମାତ୍ର ୩ରୁ ୪ଟି ପଞ୍ଜୀକୃତ ହୋଇଛି।



ସିଲ୍ ହୋଇଥିବା ହାଡ଼ଭଙ୍ଗା ଚିକିତ୍ସାଳୟ।

### ସହଯୋଗୀ ଯୁବକ ଗିରଫ